

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448





# ଆମେରିକା-ଚୀନ ମଧ୍ୟରେ ତେଜିଲା ବାଣିଜ୍ୟିକ ଯୁଦ୍ଧ:

## ୧୦୦% ଟାରିଫ୍ ଲଗାଇଲେ ଟ୍ରମ୍ପ, ବିଶ୍ୱ ବଜାର ହଲଚଲ




ନୂଆଦିଲ୍ଲୀ,୧୧/୧୦:ନୋବେଲ ଶାନ୍ତି ପୁରସ୍କାର ନମିଳିବାରୁ ହତାଶ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ରାଗରେ ଚୀନ ଉପରେ ଆକ୍ରମଣାତ୍ମକ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି । ଚୀନ୍ ଉତ୍ପାଦ ଉପରେ ଅତିରିକ୍ତ ୧୦୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି ଟ୍ରମ୍ପ । ଫଳରେ ଆମେରିକା ଓ ଚୀନ୍ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ତେଜିଛି । ଏହାର ପ୍ରଭାବ ବିଶ୍ୱ ବଜାରରେ ଦେଖିବାକୁ ମିଳିଛି । ନଭେମ୍ବର ୧ରୁ ଲାଗୁ ହେବ ଏହି ଶୁଳ୍କ । ଟ୍ରମ୍ପଙ୍କ ଏହି ନିଷ୍ପତି ପରେ ଚୀନ ଉପରେ ଆମେରିକାର ମୋଟ ଟାରିଫ୍ ପ୍ରାୟ ୧୪୦ରେ ପହଞ୍ଚିବ । ଟ୍ରମ୍ପଙ୍କ ଏହି ଘୋଷଣା ପରେ ବିଶ୍ୱ ବଜାରରେ ହଲଚଲ ଦେଖିବାକୁ ମିଳିଛି । ଟ୍ରମ୍ପ ଅଭିଯୋଗ, ଚୀନ ବିଶ୍ୱ ଅର୍ଥନୀତିକୁ ବନ୍ଧକ ରଖିଛି- ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ପୋଷ୍ଟ କରି ଚୀନ ଉପରେ ଏକ କଠୋର ଆକ୍ରମଣ ଆରମ୍ଭ କରିଛନ୍ତି । ସେ ଲେଖିଛନ୍ତି, ଚୀନ୍ ଆକ୍ରମଣାତ୍ମକ ବାଣିଜ୍ୟିକ ମନୋଭାବ ଗ୍ରହଣ କରିଛି, ଯାହା ସମସ୍ତ ଦେଶକୁ ପ୍ରଭାବିତ କରିବ । ଚୀନ ଏହାର ଅଧିକାଂଶ ଉତ୍ପାଦ ଉପରେ ରପ୍ତାନି କଟକଣା ଲଗାଇବାକୁ ଯୋଜନା କରୁଛି, ଯାହା ବିଶ୍ୱ ବଜାରରେ ଅସନ୍ତୁଳନ ସୃଷ୍ଟି କରୁଛି । ଏହାର ଜବାବରେ ଆମେରିକା ଏବେ ସମାନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଭେମ୍ବର ପହିଲାଠାରୁ ଚୀନ ଉପରେ ଅତିରିକ୍ତ ୧୦୦% ଶୁଳ୍କ ଲାଗୁ କରିବୁ । ଏହା ସେମାନଙ୍କର ବର୍ତ୍ତମାନ ଶୁଳ୍କ ସହିତ ଅତିରିକ୍ତ ହେବ । ଟ୍ରମ୍ପଙ୍କ ଶୁଳ୍କର କ'ଣ ହେବ ପ୍ରଭାବ ଶୁଳ୍କ ହେଉଛି ଏକ ଦେଶ ଦ୍ୱାରା ଆମଦାନୀ ସାମଗ୍ରୀ ଉପରେ ଲାଗୁ କରାଯାଇଥିବା ଟିକସ । ଯେତେବେଳେ କୌଣସି ବିଦେଶୀ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରାଯାଏ, ଏହାର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ । ଏହା ବିଦେଶୀ ସାମଗ୍ରୀର ଚାହିଦା ହ୍ରାସ କରେ ଏବଂ ଘରୋଇ ଶିଳ୍ପଗୁଡ଼ିକୁ ଲାଭ ଦିଏ । ଟ୍ରମ୍ପଙ୍କ ପଦକ୍ଷେପର ନକାରାତ୍ମକ ପ୍ରଭାବ ମଧ୍ୟ ପଡ଼ିପାରେ । ଆମେରିକାରେ ଉପଭୋକ୍ତା ସାମଗ୍ରୀ ଅଧିକ ମହଙ୍ଗା ହେବ । ଇଲେକ୍ଟ୍ରୋନିକ୍ସ, ଅଟୋମୋବାଇଲ୍, ମୋବାଇଲ୍ ଫୋନ୍ ଏବଂ ଇଲେକ୍ଟ୍ରିକ୍ ଯାନ (ଋଠଗ୍ସ) ଭଳି କ୍ଷେତ୍ରଗୁଡ଼ିକରେ ମୂଲ୍ୟ ବୃଦ୍ଧି ପାଇପାରେ । ଏହା ବ୍ୟତୀତ, ଆମେରିକା ଏବଂ ଚୀନ୍ ମଧ୍ୟରେ ଯୋଗାଣ ଶୃଙ୍ଖଳା ପ୍ରଭାବିତ ହୋଇପାରେ । ଟାରିଫ୍ ବିବାଦ ଭିତରେ ନୂଆ ନିଷ୍ପତି ନେଇଛି ଚୀନ । ଯେସାକୁ ତେସା ନୀତି ଆପଣେଇ ଆମେରିକା ଦ୍ୱାରା ନିର୍ମିତ ଓ ପରିଚାଳିତ ଜାହାଜଗୁଡ଼ିକ ଉପରେ ଚୀନର ସ୍ପେସାଲ ପୋର୍ଟ ଫି ବା ସ୍ୱତନ୍ତ୍ର ବନ୍ଦର ଫି ଲଗାଇଛି । ଆମେରିକାର ଜାହାଜଗୁଡ଼ିକ ଚୀନର ବନ୍ଦର ବ୍ୟବହାର କଲେ ଏହି ଫି ଦେବାକୁ ପଡ଼ିବ । ଏହା ଅକ୍ଟୋବର ୧୪ରୁ କାର୍ଯ୍ୟକାରୀ କରିବା ପାଇଁ ଚୀନ ଘୋଷଣା କରିଛି । ଜାହାଜଗୁଡ଼ିକ ଟନ୍ ପିଛା ୪ ଶହ ୟୁଆନ ବା ୫୬ ଡଲାର ଦେବେ । ବର୍ଷକୁ ବର୍ଷ ଏହି ଫି ବଢ଼ିବ । ଫି' ଲଗାଇବା ସହିତ ଚୀନ କହିଛି, ଆମେରିକା ନିଜ ତ୍ରୁଟି ପ୍ରଥମେ ସଂଶୋଧନ କରିବା ଆବଶ୍ୟକ ।

# ନଭେମ୍ବର ୧୫ରେ ମହାନଦୀ ଶୁଣାଣି



ନୂଆଦିଲ୍ଲୀ,୧୧/୧୦: ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲରେ ଶୁଣାଣି । ଓଡିଶା ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ଟ୍ରିବ୍ୟୁନାଲରେ ପକ୍ଷ ରଖିଛନ୍ତି। ଶନିବାର ମହାନଦୀ ଜଳବିବାଦ ପ୍ରାଧିକରଣରେ ଶୁଣାଣିବେଳେ ଓଡ଼ିଶା ସରକାରଙ୍କ ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଛତିଶଗଡ଼ ସରକାରଙ୍କ ଆଡ଼ଭୋକେଟ ଜେନେରାଲ ପ୍ରଫୁଲ କୁମାର ଭାରତ ପ୍ରାଧିକରଣ ଅଧ୍ୟକ୍ଷା ବିଚାରପତି ବେଲା ଏମ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତିନିଜଣିଆ ଖଣ୍ଡପୀଠଙ୍କୁ ଜଣାଇଛନ୍ତି । କେନ୍ଦ୍ରୀୟଜଳ ଆୟୋଗରେ ଅନୁମୋଦନ ଅପେକ୍ଷାରେ ପଡ଼ିରହିଥିବା ଦୁଇଟି ଲେଖାଏଁ ଜଳ ପ୍ରକଳ୍ପର ମଞ୍ଜୁରୀ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଉଭୟ ରାଜ୍ୟଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି । ଜଳବିବାଦର ସମାଧାନ ପାଇଁ ସେପଟ୍ଟେମ୍ବର ୫, ୧୨, ୨୬ ଏବଂ ଅକ୍ଟୋବର ୬ ତାରିଖରେ ନୂଆଦିଲ୍ଲୀଠାରେ ଉଭୟଓଡ଼ିଶା ଓ ଛତିଶଗଡ଼ର ବୈଷୟିକ ଦଳ ମଧ୍ୟରେ ଆଲୋଚନା ହୋଇଥିଲା । ଯୁଗ୍ମ ବୈଷୟିକ କମିଟିର ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟ ସଚିବ ଏବଂଜଳସମ୍ପଦ ସଚିବ ତର୍ଜମାକରିବା ପରେ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରାଯିବ ବୋଲି ଆଡ଼ଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଖଣ୍ଡପୀଠଙ୍କୁ ଜଣାଇଥିଲେ । ମାମଲାର ପରବର୍ତ୍ତୀଶୁଣାଣି ନଭେମ୍ବର ୧୫କୁ ଧାର୍ଯ୍ୟ ହୋଇଛି ।

# ବିଜେପିରେ ମିଶିଲେ ଜୟ ଢୋଲକିଆ, ନୂଆପଡ଼ାରୁ ହୋଇପାରନ୍ତି ପ୍ରାର୍ଥୀ

ନୂଆପଡ଼ା,୧୧/୧୦(ନି/ପ୍ର): ବିଜେପିରେ ମିଶିଛନ୍ତି ନୂଆପଡ଼ାର ପୂର୍ବତନ ବିଜେଡି ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ । ବିଜେଡି ଜୟଙ୍କୁ ପ୍ରାର୍ଥୀ କରିବ ବୋଲି ଆଶା ରହିଥିବାବେଳେ ସେ ଦଳକୁ ଚକ୍ମା ଦେଇ ବିଜେପିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ଜୟ ଗେରୁଆ ଦଳରେ ସାମିଲ ହୋଇଛନ୍ତି। ଏହା ପରେ ତାଙ୍କୁ ହିଁ ବିଜେପି ନୂଆପଡ଼ାରେ ପ୍ରାର୍ଥୀ କରିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଜୟ ଢୋଲକିଆ ବିଜେପିରେ ଯୋଗଦେବା ପରେ ନୂଆପଡ଼ା ବିଧାନସଭା ଆସନକୁ ନେଇ ସବୁ ଅଙ୍କ ଏପଟ ସେପଟ ହୋଇଯାଇଛି। ବିଜେଡ଼ି ଦଖଲରେ ଥିବା ନୂଆପଡ଼ା ଆସନରେ ବିଜେପିର ପତିଆର ବଢ଼ିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

# ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଆସୁଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୧/୧୦(ନି/ପ୍ର): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀରେ ରାଜଧାନୀର ପାଣ୍ଡରାଠାରେ ଏକ ବୃହତ୍ ମାଛ ମାର୍କେଟର ଶିଳାନ୍ୟାସ କରିଛନ୍ତି। ଏଥିଲାଗି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶା ଭଳି ଏକ ରାଜ୍ୟରେ ବ୍ୟାପକ ଫସଲ ହାନି ପ୍ରତିବର୍ଷ ହୋଇଥାଏ । ବାତ୍ୟା, ବନ୍ୟା, ମରୁଡ଼ି, ଅଦିନିଆ ବର୍ଷା ଆଦି ପାଇଁ ରାଜ୍ୟର ଚାଷୀକୁଳକୁ କ୍ଷତି ପହଚାଂଇଥାଏ । ଏଥିପାଇଁ ପ୍ରଧାନମନ୍ତ୍ରୀ ଅନ୍ନଦାତା ଓ ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଜରିଆରେ ତୁରନ୍ତ କ୍ଷତିପୂରଣ ସୁନିଶ୍ଚିତ କରିଛନ୍ତି । ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷଜମିର ଆକଳନ କରି ବିଭାଗ ପକ୍ଷରୁ କ୍ଷତିପୂରଣ ବାବଦରେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିଛୁ । ଯାହା ପୂର୍ବ ସରକାର କରିନଥିଲେ। ଦେଶରେ ତୈଳବୀଜ, ଡାଲି ଜାତୀୟ ଫସଲ ଦିଗରେ ଆତ୍ମନିର୍ଭରଶୀଳ ହେବାକୁ ଆଗେଇ ଚାଲିଛୁ ଏବଂ ଅନ୍ୟ ଦେଶ ଉପରେ ନିର୍ଭରଶୀଳତା କମେଇବା ପ୍ରୟାସ କରୁଛୁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଓ ପରିଯୋଜନା କାର୍ଯ୍ୟକାରୀ କରୁଛୁ । ଆମ ସରକାର ଆସିବା ପରେ ୨୦୨୫-୨୬ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଛୁ। ସର୍ବାଧିକ ୩୭ ହଜାର ୮୦୦ କୋଟି ଟଙ୍କାର ସମୃଦ୍ଧ କୃଷକ ଯୋଜନା ହାତକୁ ନେଇଛୁ। ଗତବର୍ଷ ପ୍ରାୟ ୨୦ ଲକ୍ଷରୁ ଅଧିକ ଚାଷୀ ରବି ଓ ଖରିଫ ଋତୁରେ ଲାଭାନ୍ୱିତ ହୋଇଛନ୍ତି। ଏଥିପାଇଁ ଉତ୍ସାହିତ ହୋଇ ପଡ଼ିଆ ରହୁଥିବା ଚାଷଜମିରେ ଲୋକମାନେ ଚାଷ କରିଛନ୍ତି। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆୟ ବୃଦ୍ଧି ଚେଷ୍ଟା କରାଯାଇଛି। ପାରିବାରିକ ବାର୍ଷିକ ଆୟ ୩୦ ହଜାରରୁ ୬୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଆମ ସରକାର ପ୍ରଚାର ସର୍ବସ୍ୱ ନୁହଁନ୍ତି। ଏହି ଯୋଜନାର ସଫଳ ରୂପାୟନ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଆମ ରାଜ୍ୟ ଏକ ମତ୍ସ୍ୟ ବହୁଳ ରାଜ୍ୟ । କିନ୍ତୁ ଅନ୍ୟ ରାଜ୍ୟ ଉପରେ ମାଛ ପାଇଁ ନିର୍ଭରଶୀଳ ହେବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଆମ ରାଜ୍ୟ ଉତ୍ପାଦନ ସହ ବିକ୍ରି କରିବ। ମାଛ ଚାଷ ପାଇଁ ପୋଖରୀର ଆବଶ୍ୟକତା ନାହିଁ ବରଂ ଘର ସାମନାରେ ବାୟୋ ଫ୍ଲକ ଟେକ୍ନୋଲୋଜିରେ ମତ୍ସ୍ୟ ଚାଷ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ପାଣ୍ଡରାର ୧୮ ନମ୍ବର ୱାର୍ଡଠାରେ ମାଛ ମାର୍କେଟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ।୬ ଏକର ଜାଗାରେ ହେବ ମାଛ ମାର୍କେଟ। ୫୯ କୋଟି ୧୩ ଲକ୍ଷ ଟଙ୍କାର ବିନିଯୋଗରେ ଏହି ପ୍ରକଳ୍ପ ପାଇଁ ବଜେଟ ରହିଛି। କେନ୍ଦ୍ର ସରକାର ୩୦ କୋଟି ରାଜ୍ୟ ସରକାର ୨୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗ କରିବେ। ହୋଲସେଲ ଗୃହ, ବରଫ କାରଖାନା, ସୋଲାର ଏନର୍ଜି ପ୍ରଣାଳୀ,ବ୍ୟାବସାୟିକ ଗୃହ ରହିବ। ୧୪୩ଟି ଦୋକାନ ସହ ୨୦୦୦ ରୁ ଅଧିକ ଲୋକଙ୍କ ପାଇଁ ପରୋକ୍ଷ ଭାବେ ରୋଜଗାର ସୁନିଶ୍ଚିତ କରିବ ଏହି ମାଛ ମାର୍କେଟ। ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବିଏମସି ସହ

## ବିହାର ବିଧାନସଭା ନିର୍ବାଚନ:

# କଂଗ୍ରେସର ୩୬ ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ, ଖୁବ୍ଶୀଘ୍ର ହେବ ଘୋଷଣା



ନୂଆଦିଲ୍ଲୀ,୧୧/୧୦: ବିହାର ବିଧାନସଭା ନିର୍ବାଚନ ଲାଗି ମହାମେଂଟ ଆସନ ବୁଝାମଣା ପ୍ରକ୍ରିୟା ଜାରି ରହିଛି । ମହାମେଂଟର ପ୍ରମୁଖ ଦଳ କଂଗ୍ରେସ ଏହାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିଥିବା ସୂଚନା ମିଳିଛି । ଏହି ତାଲିକାରେ ୩୬ ଜଣଙ୍କ ନାଁ ସ୍ଥାନ ପାଇଛି । କିନ୍ତୁ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ ।ସୂଚନା ଅନୁସାରେ କଂଗ୍ରେସର ସ୍କ୍ରିନିଂ କମିଟି ବୈଠକ ଆଜି ଅନଲାଇନରେ ଅନୁଷ୍ଠିତ ହୋଇଥିଲା । ନୂଆଦିଲ୍ଲୀରେ ବସିଥିବା ଏହି ବୈଠକରେ ପାଟନାରୁ ଦଳର ରାଜ୍ୟ ପ୍ରଭାରୀ କ୍ରିଷ୍ଣା ଆଲାୱୁରୁ, ରାଜ୍ୟ ସଭାପତି ରାଜେଶ ରାମ, ବିଧାୟକ ଦଳ ନେତା ସକିଲ ଅହମ୍ମଦ ଖାନ ଓ ଅନ୍ୟାନ୍ୟ ନେତାମାନେ ସାମିଲ ହୋଇଥିଲେ । ବୈଠକ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା । ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ଆଶାୟୀ ପ୍ରାର୍ଥୀଙ୍କ ଆବେଦନ ଫର୍ମକୁ ଭଲ ଭାବେ ଯାଂଚ କରାଯାଇଥିଲା । ସେଥିରୁ କିଛି ପ୍ରାର୍ଥୀଙ୍କ ନାମରେ ମୋହର ଲାଗିଛି । କୁହାଯାଉଛି କି ପ୍ରଥମ ପର୍ଯ୍ୟାୟରେ ଦଳର ୩୬ ଜଣ ପ୍ରାର୍ଥୀଙ୍କ ନାମକୁ ଅନୁମୋଦନ କରାଯାଇଛି । ଖୁବଶୀଘ୍ର ସେମାନଙ୍କ ନାମ ଘୋଷଣା କରାଯିବା ସହ ଦଳୀୟ ଚିହ୍ନ ପ୍ରଦାନ କରାଯିବ । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମହାମେଂଟରେ ଦିନେ ଦୁଇଦିନ ଭିତରେ ଆସନ ବୁଝାମଣା ଚୂଡାନ୍ତ ହେବ । ଆସନ ଚୂଡାନ୍ତ ହେବା ପରେ କଂଗ୍ରେସ ତାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବିଧିବଦ୍ଧ ଭାବେ ଘୋଷଣା କରିବ । ଆସନ୍ତା ୧୫ ତାରିଖ ପରେ କଂଗ୍ରେସ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରାଯିବ ବୋଲି ସୂଚନା ମିଳିଛି । ବିହାର ବିଧାନସଭା ନିର୍ବାଚନ ଲାଗି ଦୁଇଟି ପର୍ଯ୍ୟାୟରେ ନଭେମ୍ବର ୬ ଓ ୧୧ରେ ଭୋଟ ଗ୍ରହଣ କରାଯିବ । ନଭେମ୍ବର ୧୪ରେ ଭୋଟ ଗଣତି ହେବା ସହ ଫଳାଫଳ ପ୍ରକାଶ ପାଇବ । ରାଜ୍ୟର ମୋଟ ୨୪୩ ବିଧାନସଭା ଆସନରୁ ପ୍ରଥମ ପର୍ଯ୍ୟାୟରେ ୧୨୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନରେ ମତଦାନ ହେବ । ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ରହିଛି । ଅକ୍ଟୋବର ୧୮ରେ ନାମାଙ୍କନପତ୍ର ଯାଂଚ ଏବଂ ୨୦ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଲାଗି ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୨୦ ରହିଥିଲା ବେଳେ ୨୧ରେ ଯାଂଚ କରାଯିବ । ନାମାଙ୍କପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୩ ରଖାଯାଇଛି । ବିହାର ବିଧାନସଭାର କାର୍ଯ୍ୟକାଳ ଆସନ୍ତା ନଭେମ୍ବର ୨୨ରେ ଶେଷ ହେବ ।

## ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ :

# ଚଂଚଳ ରାଣାଙ୍କୁ ମିଳିଲା ଗୁରୁଦାୟିତ୍ୱ



ଭୁବନେଶ୍ୱର,୧୧/୧୦(ନି/ପ୍ର): ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ ହେଇଛି । ରାଜ୍ୟରେ ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଏନ୍. ଥିରୁମାଲା ନାଏକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତ କରାଯାଇଛି। ମାନସୀ ନିମ୍ଭାଲ ଉଠା ଜଳସେଚନ ନିଗମର ଏମ୍‌ଡି ହୋଇଥିବା ବେଳେ ସୁରେନ୍ଦ୍ର କୁମାର ମୀନା ଝଞ୍ଜ/ଝଉ ବିକାଶ ବିଭାଗର ଅତିରିକ୍ତ ସଚିବ ଓ ଶୁଭଶ୍ରୀ ନନ୍ଦ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ବିଏମ୍‌ସି କମିଶନର ଚଂଚଳ ରାଣାଙ୍କୁ ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗିରିଶ ଏସ୍.ଏନ୍‌ଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ, ପ୍ରେମଜିତ୍ ନାୟକଙ୍କୁ ଝଞ୍ଜ ବିଭାଗର ନିର୍ଦ୍ଦେଶକ, ଦୀପଙ୍କର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ, ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ, ନିବେଦିତା ପୃଷ୍ଟିଙ୍କୁ ବୟନିକାର ଏମ୍‌ଡି, ମଧୁସ୍ମିତା ସାମଲଙ୍କୁ ପଚାଂୟତିରାଜ ବିଭାଗର ଅତିରିକ୍ତ ସଚିବ ଏବଂ ସଞ୍ଜୟ ବିଶ୍ୱାଲଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହ ବରିଷ୍ଠ ଓଏଏସ ଅଧିକାରୀ କାହ୍ନୁଚରଣ ଧୀରଙ୍କୁ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି।

# ଶ୍ରୀଲିଙ୍ଗରାଜ ମନ୍ଦିରରେ ପଶିଲା ବନ୍ଧୁକଧାରୀ ଯୁବକ

ଭୁବନେଶ୍ୱର,୧୧/୧୦:ଶ୍ରୀଲିଙ୍ଗରାଜ ମନ୍ଦିରରେ ପଶିଲା ବନ୍ଧୁକଧାରୀ ଯୁବକ। ଆନନ୍ଦ ବଜାରରେ କିଛି ସେବାୟତ ଉକ୍ତ ଯୁବକକୁ କାବୁକରି ଫାଣ୍ଡି ପୁଲିସ ଜିମା ଦେଇଛନ୍ତି। ଉକ୍ତ ଯୁବକକୁ ଶ୍ରୀଲିଙ୍ଗରାଜ ଥାନାକୁ ହସ୍ତାନ୍ତର କରାଯାଇଛି। ସନ୍ଦିଗ୍ଧ ଯୁବକ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ଅଚଂଳର ବିକ୍ରମ ସ୍ୱାଇଁ। ସେ ନିଜକୁ ଜଣେ ପିଏସଓ ବୋଲି ସେବାୟତଙ୍କୁ ପରିଚୟ ଦେଇଛି। ଉକ୍ତ ଯୁବକ ସହ ଅନ୍ୟଜଣେ ଯୁବକ ସାଙ୍ଗରେ ଥିଲେ। ସେ ହେଲେ କଟକରେ ଏକ ମୋବାଇଲ ଦୋକାନ କରିଥିବା ଜଗତସିଂହପୁର ଜିଲାର ଦେବାଶିଷ ମହାରଣା।

# ବୃହତ୍ ମତ୍ସ୍ୟ ମାର୍କେଟର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ




ଭୁବନେଶ୍ୱର,୧୧/୧୦(ନି/ପ୍ର): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷି ଓ କିସାନ ସଶକ୍ତିକରଣ ବିଭାଗର ୨୬ଟି ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ସେ ରାଜଧାନୀର ପାଣ୍ଡରାଠାରେ ଏକ ବୃହତ୍ ମତ୍ସ୍ୟ ମାର୍କେଟର ଶିଳାନ୍ୟାସ କରିଛନ୍ତି। 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ରାଜ୍ୟ ପାଇଁ ଏକ ସମନ୍ୱିତ ଆକ୍ୱା ପାର୍କ ଏବଂ ଏକ ପାଇକାରୀ ମାଛ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଯୋଗ ଦେଇଛନ୍ତି। ଏହି ଅବସରରେ 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' ଓ 'ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ'ର ଶୁଭାରମ୍ଭ ବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଜି ଭାରତରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଭାରତରତ୍ନ ନାନାଜୀ ଦେଶମୁଖଙ୍କ ଜନ୍ମଦିବସ। ଏହି ଅବସରରେ ଆଜି କୋଟି କୋଟି କୃଷକଙ୍କ ଲାଗି ୩୫ ହଜାର କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ ହୋଇଛି। ଆମେ ପୂର୍ବ ସରକାରଙ୍କର ଦାୟିତ୍ୱହୀନତା ଯୋଗୁ କୃଷକମାନଙ୍କର ଯଥେଷ୍ଟ ପ୍ରଗତି ହୋଇପାରିନଥିଲା। ହେଲେ ଏନଡିଏ ସରକାର ଆସିବା ପରେ ଆମେ କୃଷି ଓ କୃଷକ ସଶକ୍ତିକରଣ କ୍ଷେତ୍ରରେ ଅଧିକ ଧ୍ୟାନ ଦେଉଛୁ। ପିଏମ୍ ଧନଧାନ୍ୟ ଯୋଜନାରେ ଦେଶରେ ଆକାଙ୍କ୍ଷୀ ଜିଲ୍ଲା ଘୋଷଣା କରାଯାଇଛି। ଆକାଙ୍କ୍ଷୀ ଜିଲ୍ଲା ଯୋଜନାରେ ସବୁ ସ୍କୁଲରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏଠାରେ ମାତୃମୃତ୍ୟୁ ହାର କମିଛି। ଦେଶର ଶହେ ଜିଲ୍ଲାରେ କୃଷିର ଉନ୍ନତିକରଣ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଜି ଭାରତରତ୍ନ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଭାରତରତ୍ନ ନାନାଜୀ ଦେଶମୁଖଙ୍କ ଜନ୍ମଦିବସ। ଏହି ଅବସରରେ ଆଜି କୋଟି କୋଟି କୃଷକଙ୍କ ଲାଗି ୩୫ ହଜାର କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ ହୋଇଛି। ଆମେ ପୂର୍ବ ସରକାରଙ୍କର ଦାୟିତ୍ୱହୀନତା ଯୋଗୁ କୃଷକମାନଙ୍କର ଯଥେଷ୍ଟ ପ୍ରଗତି ହୋଇପାରିନଥିଲା। ହେଲେ ଏନଡିଏ ସରକାର ଆସିବା ପରେ ଆମେ କୃଷି ଓ କୃଷକ ସଶକ୍ତିକରଣ କ୍ଷେତ୍ରରେ ଅଧିକ ଧ୍ୟାନ ଦେଉଛୁ। ପିଏମ୍ ଧନଧାନ୍ୟ ଯୋଜନାରେ ଦେଶରେ ଆକାଙ୍କ୍ଷୀ ଜିଲ୍ଲା ଘୋଷଣା କରାଯାଇଛି। ଆକାଙ୍କ୍ଷୀ ଜିଲ୍ଲା ଯୋଜନାରେ ସବୁ ସ୍କୁଲରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏଠାରେ ମାତୃମୃତ୍ୟୁ ହାର କମିଛି। ଦେଶର ଶହେ ଜିଲ୍ଲାରେ କୃଷିର ଉନ୍ନତିକରଣ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଓ କିସାନ ସଶକ୍ତିକରଣ ଶିବରାଜ ସିଂହ ଚୌହାନ ଓ ବିଭାଗର ରାଜ୍ୟମନ୍ତ୍ରୀ ଭାଗୀରଥୀ ଚୌଧୁରୀ ଉପସ୍ଥିତ ଅଛନ୍ତି। ଆଭାସୀ ଯୋଗେ ଏଥିରେ କେନ୍ଦ୍ର ପଚାଂୟତରାଜ, ମତ୍ସ୍ୟ ଓ ପ୍ରାଣୀସଂପଦ ମନ୍ତ୍ରୀ ରାଜୀବରଂଜନ ସିଂହ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ କୃଷି ମନ୍ତ୍ରୀ ଯୋଡ଼ିହୋଇଛନ୍ତି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ମହାକାଳ ଗ୍ୟାଙ୍ଗ ଗିରଫ





କେନ୍ଦୁଝର,୧୧/୧୦(ନି/ପ୍ର):-କେନ୍ଦୁଝର ଟାଉନ ପୋଲିସର ତତ୍ପରତା ଯୋଗୁଁ ଆଜି ଭୋର ସମୟରେ କେନ୍ଦୁଝର ଉପକଣ୍ଠ ନରଣପୁର ଘଡଘଡି ମନ୍ଦିର ନିକଟରୁ ମହାକାଳ ନାମକ ଗ୍ୟାଙ୍ଗ ର ନେତା ଗଣେଶଅବିଶ୍ୱଜିତ ଗିରି (୩୨) ସମେତ ନଅ ଜଣ ଡକାୟତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଗଣେଶ ର ଘର ମୟୁରଭଞ୍ଜ ଜିଲ୍ଲା ଛେଳିଆନାଳ ହୋଇ ଥିବା ବେଳେ ପ୍ରିୟଦର୍ଶନ ପ୍ରଧାନ (୨୯)ଟାଉନ ଥାନା କାଶୀପୁର, ପର୍ଶୁରାମ ପ୍ରଧାନ (୫୫)ଜଗନ୍ନାଥ ପୁର ଝାଡ଼ଖଣ୍ଡ, ନିର୍ମଳ ପ୍ରଧାନ (୪୦)ଦିପୁହଟିଂ, ଯୋଡ଼ା, ସୁବାଶିଷ ଗିରି (୨୭)ରରୁଆଁ, ମୟୁରଭଞ୍ଜ, ରଞ୍ଜନ ପଲେଇ (୨୬)ଠାକୁରାଣୀ, ବଡ଼ବିଲ, ବିନୋଦ ମୁଣ୍ଡା (୩୨)କୁନ୍ଦୁରୁନଳା, ଯୋଡ଼ା, ରୋହିତ ନାଏକ (୨୧)ଯହିରା ହଟିଂ, ଯୋଡ଼ା, ଏମଡି ଜିସାନ (୨୫)ମାଝୀହଟିଂ, ଯୋଡ଼ା ର ବୋଲି ପୋଲିସ ଏସପି ନିତିନ କୁଶଲକର ପ୍ରକାଶ କରିଛନ୍ତି, ଏମାନେ ଡକାୟତି ଯୋଜନ କରୁଥିବା ବେଳେ ଏମାନଙ୍କ ନିକଟରୁ ୫ଟି ୭. ୬୫ଏମଏମ ପିସ୍ତଲ, ସାତୋଟି ୭. ୬୫ଏମଏମ ମାଗାଜିନ, ପଚିଶଟି ୭. ୬୫ଏମଏମ ଜୀବନ୍ତ ଗୁଳି, ଚାରୋଟି ଫାୟାର କାଟ୍ରିଜ ଖୋଳ ଜବତ କରାଯାଇଛି,ଏମାନେ ସାମାଜିକ ଗଣମାଧମ ରେ ମହାକାଳ ଗ୍ୟାଙ୍ଗ ନାମରେ ଉତ୍ପାତ କରୁଥିଲେ, ପୋଲିସ ସହିତ ମୁହାଁ ମୁହିଁ ବେଳେ ପିସ୍ତଲ ରୁ ଗୁଳି ଚଳାଇ ଫେରାର ହୋଇଯିବା ପାଇଁ ଉଦ୍ୟମ କରୁଥିବା ବେଳେ କିନ୍ତୁ ଖସି ଯାଇପାରି ନଥିଲେ, ବିଶ୍ୱଜିତ ଗିରି ନାମରେ ବିଭିନ୍ନ ଥାନା ରେ ୩୭ଟି କେଶ ଥିବାର ଜଣା ଯାଇଛି, ଟାଉନ ପୋଲିସ କେଶ ନମ୍ବର ୭୮୦/ ୨୦୨୫ ଅଣ୍ଡର ସେକ୍ସନ ୩୧୦/୪, ୩୧୦/୫, ୧୦୯/୧, ଭାରତୀୟ ନ୍ୟାୟ ସଂହିତା ୨୦୨୩ ଧାରା ର ୨୫/୨୭ ଆର୍ମଆକ୍ଟ ୧୯୫୯ ଦଫା ରେ ଆରେଷ୍ଟ କରାଯାଇଛି, ଏମାନେ ରାସ୍ତାମଝିରେ ଖଣ୍ଡା ରେ କେକ କାଟି ଜନ୍ମ ଦିନ ପାଳନ କରୁଥିବାର ଏବଂ ଲୋକଙ୍କୁ ଆତଙ୍କିତ କରୁଥିବାର ଭିଡିଓ ସାମାଜିକ ଗଣମାଧମ ରେ ମଧ ଅତୀତ ରେ ଭାଇରାଲ ହୋଇ ଥିବାର ଜଣା ଯାଇଛି।

# ଗୁଣ୍ଡିଚା ଘାଗି ଜଳ ପ୍ରାପତରେ ୬ବର୍ଷରେ ମଲେଣି ୧୨ଜଣ ପର୍ଯ୍ୟଟକ

ଘଟଗାଁ,୧୧/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘଟଗାଁ ଏବଂ ହରିଚନ୍ଦନପୁର ବ୍ଲକ ସୀମାନ୍ତ ବଣ ଚକୁଳିଆ ଗ୍ରାମ ନିକଟବର୍ତ୍ତୀ ମୂଷଳ ନଦୀରେ ସୃଷ୍ଟି ହୋଇଥିବା ଗୁଣ୍ଡିଚା ଘାଗି ଜଳ ପ୍ରପାତ ଜଳରେ ବୁଡି ୬ବର୍ଷରେ ୧୨ଜଣ ପର୍ଯ୍ୟଟକ ପ୍ରଣାହରାଇ ଥିବନେଇ ସାଧାରଣ ରେ ଉଦବେଗ ପ୍ରକାଶ ପାଇଛି। ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୨ତାରିଖ ଦିନ ବାଲେଶ୍ୱର ଜିଲ୍ଲା ସୋର ଅଂଚଳରୁଏବଂ ଅକ୍ଟୋବର ମାସ ୫ତାରିଖ ଦିନ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନାଅଧୀ ଅଧିନସ୍ଥ ବଡସିଆଡ଼ିମାଳ ଅଂଚଳରୁଆସିଥିବା କତେକ ଯୁବକ ମଧ୍ୟରୁ ସତ୍ୟପ୍ରକାଶ ମହାନ୍ତ ନାମକ ଜଣେ ଯୁବକ ଜଳପ୍ରପାତରେ ଗାଧୋଉ ଥିବାବେଳେ ବୁଡି ପ୍ରାଣ ହରାଇ ଥିବା ପ୍ରକାଶ ପାଇଛି। ସେହିପରି ସୋର ଅଂଚଳରୁ ଆସି ଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଦେବେଶ କୁମାର ବେହେରା ନାମକ ଯୁବକ ପାଣିରେ ବୁଡି ପ୍ରାଣ ହରାଇଛନ୍ତି ଜଳ ପ୍ରପାତ ଚତୁର୍ପାଶ୍ୱ ରେ ସୁରକ୍ଷା ବାଡ ନଥିବା ଓ ପ୍ରଶାସନ ପକ୍ଷ୍ୟରୁ ସଚେତନତା ନ ଥିବାରୁ ଏପରି ଅଭାବନୀୟ ଅଘଟଣ ଦୁର୍ଘଟଣା ଘଟୁଥିବା ପ୍ରକାଶ ପାଇଛି। ଏପରି ଅସନ୍ତୋଷ ପ୍ରକାଶ ପାଇଛି। ଏପରି ପ୍ରକାଶ ପାଇବା ପରେ ପ୍ରଶାସନ ଚେଇଁ ଉଠି ମୁକୁନ୍ଦପୁର ପଂଚାୟତପ୍ରଶାସନ ପକ୍ଷ୍ୟରୁ ସଚେତନତା ଜାରି କରିଥିବା ସହିତ ଅମାନିଆ ହୋଇ ଜଳ ପ୍ରପାତରେ ଗାଧୋଇଲେ ୫ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ ବୋଲି କଠୋର ନିଷ୍ପତି ନିଆ ଯାଇ ଥିବା ସରପଂଚ ଅର୍ଣ୍ଣପୂର୍ଣ୍ଣା ଦେହୁରୀ ପ୍ରକାଶ କରିଛନ୍ତି।

# ଚୋରା ମଦ ସହିତ କାର ଜବତ:୨ ଗିରଫ

ଚମ୍ପୁଆ,୧୧/୧୦(ନି/ପ୍ର):ଚମ୍ପୁଆ ଥାନା ଅନ୍ତର୍ଗତ ଚିମିଳା ଗ୍ରାମରେ ଚୋରା ମଦ ବିକ୍ରି କରୁଥିବାବେଳେ ଗ୍ରାମବାସୀ ଚୋରା ମଦ ବିକ୍ରିରେ ବ୍ୟବହୃତ ଗାଡ଼ି ଓ ମଦ ଜବତ କରିବା ସହ ଦୁଇ ମଦ ବେପାରୀଙ୍କୁ ଚମ୍ପୁଆ ପୁଲିସର ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତକାଲି ତଡୁଆବାହାଳ ଗ୍ରାମର ଦୁଇଜଣ ସ୍ୱାମୀ ସ୍ତ୍ରୀ ଚୋରା ମଦ ବେପାରୀ ଚିମିଳା ଗ୍ରାମର ଜଣେ ମଦ ବେପାରୀଙ୍କୁ ମଦ ଯୋଗାଇବାକୁ ଏକ କାର୍(ଗାଡି ନଂ. ଓଡି୦୯ଏଇ୦୯୦୭)ରେ ଚିମିଳା ଗ୍ରାମକୁ ଆସିଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ଚମ୍ପୁଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୁଲିସ ଚିମିଳା ଗ୍ରାମରେ ପହଂଚି ଘଟଣାସ୍ଥଳରୁ ଏକ କାର୍ ଓ ୬୦ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ଚୋରା ମଦ ବେପାରୀ ତଡୁଆବାହାଳ ଗ୍ରାମର ସୁଶାନ୍ତ ମାଝୀ ଓ ପାୟା ମାଝୀ ସହ ଚିମିଳା ଗ୍ରାମର ଚାନ୍ଦମଣି ଓରାମଙ୍କୁ ଗିରଫ କରିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଦୁଇଜଣ ଚୋରା ମଦ ବେପାରୀ ଚାନ୍ଦମଣି ଓରାମଙ୍କୁ ଚୋରା ମହୁଲି ମଦ ଯୋଗାଇ ଆସୁଥିଲେ। ଯାହାଫଳରେ ଚିମିଳା ଗ୍ରାମରେ ଚୋରା ମଦ ବିକ୍ରି ବୃଦ୍ଧି ପାଇବା ସହ ଗ୍ରାମର ବାତାବରଣ କଳୁଷିତ ହେଉଥିଲା। ଆଜି ବହୁ ସଂଖ୍ୟାରେ ଚିମିଳା ଗ୍ରାମବାସୀ ଚମ୍ପୁଆ ଥାନାକୁ ଆସି ଚୋରାମଦ ବିକ୍ରୟକାରୀଙ୍କ ବିରୁଦ୍ଧରେ ଅଭିଯୋଗ କରିବା ସହ ଗ୍ରାମରେ ମଦ ବିକ୍ରୀ ବନ୍ଦ କରିବାକୁ ଚମ୍ପୁଆ ଥାନାଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ନାଚ ଦେଖୁଥିଲେ ପରିବାର, ବାରିପଟେ ଘର ଭିତରେ ପଶି ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନାରୁପା ଲୁଟିନେଲେ ଦୁର୍ବୃତ

ଭାପୁର,୧୧/୧୦(ନି/ପ୍ର): ଲକ୍ଷ୍ମୀପୂଜା ଉପଲକ୍ଷେ ଦାଣ୍ଡଦୁଆରେ ପରିବାର ସମସ୍ତ ସଦସ୍ୟ ନାଚ ଦେଖୁଥିଲାବେଳେ ବାରିପଟେ ଦୁର୍ବୃନ୍ତମାନେ ଘର ଭିତରେ ପଶି କଳାକନା ବୁଲାଇଦେଲେ। ନଗଦ ଦେଢ଼ ଲକ୍ଷ ଟଙ୍କା ସହିତ ୨୦ ଲକ୍ଷ ଟଙ୍କାରୁ ଅଧିକ ସୁନା ରୁପା ଅଳଙ୍କାର ଲୁଟିନେଇଥିବା ଘଟଣା ଥାନାରେ ଅଭିଯୋଗ ହୋଇଛି। ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଉଁଶବାଟୀ ପଚାଂୟତ ନଟବରପୁର ଗ୍ରାମରେ ଥିବା ଅରୁଣ କୁମାର ନାୟକଙ୍କ ଘରେ। ଅଭିଯୋଗରୁ ଜଣାପଡିଛି ଯେ ଭାପୁର ବ୍ଲକ ବାଉଁଶବାଟୀ ପଚାଂୟତ ନଟବରପୁର ଗ୍ରାମର ବିକ୍ରମରେ ଗତକାଲି କୁମାର ପୂର୍ଣ୍ଣିମା ପର୍ବ ଉପଲକ୍ଷେ ଗ୍ରାମରେ ଲକ୍ଷ୍ମୀପୂଜା ହେଉଥିଲା। ଏହି ପୂଜା ଉପଲକ୍ଷେ ଗ୍ରାମର ଯୁବକ ସଙ୍ଘ ତରଫରୁ ନାଟକ ଆୟୋଜିତ ହେଉଥିଲା। ଡ୍ରାମା ଦେଖିବାପାଇଁ ବିକ୍ରମ ନାୟକଙ୍କ ପରିବାର ସମସ୍ତ ସଦସ୍ୟ ଘର ବନ୍ଦକରି ଦାଣ୍ଡ ଦୁଆରେ ନାଚ ଦେଖୁଥିଲେ। ଏହାର ସୁଯୋଗ ନେଇ ଦୁର୍ବୃନ୍ତମାନେ ଘରର ବାରିପଟେ ଘର ମଧ୍ୟରେ ପ୍ରବେଶ କରିଥିଲେ। ଦାଣ୍ଡଦୁଆର କବାଟ ଭିତରପଟୁ ବନ୍ଦକରି ନିର୍ଭୟରେ ଘରଭିତରେ ଥିବା ଆଲମିରା ଭାଙ୍ଗି ନଗଦ ଦେଢ଼ ଲକ୍ଷ ଟଙ୍କା ସହିତ ପାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ସୁନାରୂପା ଲୁଟିନେଇଥିଲେ। କିଛି ସମୟ ପରେ ବିକ୍ରମ ପରିଶ୍ରା କରିବାପାଇଁ ଘରକୁ ଆସି ଦେଖନ୍ତି ଘରର କବାଟ ଘର ଭିତରୁ ଦିଆଯାଉଛି। ସେ ବାରିପଟେ ବୁଲିକରି ଦେଖନ୍ତି ଘରର ସମସ୍ତ ବଖରା ଖୋଲାଥିବା ସହିତ ଗଦରେଜ ଆଲମିରା ଖୋଲାମେଲାରେ ଲୁଗାପଟା ବିଛାଡିହୋଇ ପଡିଛି। ଭାପୁର ବ୍ଲକ ବାଉଁଶବାଟୀ ପଂାୟତ ନଟବରପୁର ଗ୍ରାମର ବିକ୍ରମରେ ଗତକାଲି କୁମାର ପୂର୍ଣ୍ଣିମା ପର୍ବ ଉପଲକ୍ଷେ ଗ୍ରାମରେ ଲକ୍ଷ୍ମୀପୂଜା ହେଉଥିଲା। ଏହି ପୂଜା ଉପଲକ୍ଷେ ଗ୍ରାମର ଯୁବକ ସଙ୍ଘ ତରଫରୁ ନାଟକ ଆୟୋଜିତ ହେଉଥିଲା। ଡ୍ରାମା ଦେଖିବାପାଇଁ ବିକ୍ରମ ନାୟକଙ୍କ ପରିବାର ସମସ୍ତ ସଦସ୍ୟ ଘର ବନ୍ଦକରି ଦାଣ୍ଡ ଦୁଆରେ ନାଚ ଦେଖୁଥିଲେ। ଏହାର ସୁଯୋଗ ନେଇ ଦୁର୍ବୃନ୍ତମାନେ ଘରର ବାରିପଟେ ଘର ମଧ୍ୟରେ ପ୍ରବେଶ କରିଥିଲେ। ଦାଣ୍ଡଦୁଆର କବାଟ ଭିତରପଟୁ ବନ୍ଦକରି ନିର୍ଭୟରେ ଘରଭିତରେ ଥିବା ଆଲମିରା ଭାଙ୍ଗି ନଗଦ ଦେଢ଼ ଲକ୍ଷ ଟଙ୍କା ସହିତ ପାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ସୁନାରୂପା ଲୁଟିନେଇଥିଲେ। କିଛି ସମୟ ପରେ ବିକ୍ରମ ପରିଶ୍ରା କରିବାପାଇଁ ଘରକୁ ଆସି ଦେଖନ୍ତି

# ଝୁମ୍ପୁରା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



କେନ୍ଦୁଝର,୧୧/୧୦(ନି/ପ୍ର): ବିଜେଡିର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗୁରୁବାର ଠାରୁ ଆରମ୍ଭ ହୋଇଛି ବିଜେଡିର ଜନସମ୍ପର୍କ ପଦଯାତ୍ରା। ଏହି ପଦଯାତ୍ରା ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଥିବା ବେଳେ, ବିଜେପି ନେତୃତ୍ୱାଧିନ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀନିର୍ଯ୍ୟାତନା ବୃଦ୍ଧି ଓ ବିଫଳତାକୁ ଜନସାଧାରଣ ନିକଟରେ ପହଂଚାଇବା ପାଇଁ ପ୍ରୟାସ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି କ୍ରମରେ ଝୁମ୍ପୁରା ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ନହବେଡା ଠାରେ ଜନସମ୍ପର୍କପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବ୍ଲକ ବିଜେଡି ସଭାପତି ଡମ୍ବରୁଧର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୁଟୁଗାଁ, ଖେଣ୍ଡରା ଏବଂ ନହବେଡା ଗ୍ରାମପଂଚାୟତର ବିଜେଡି କର୍ମୀ ଓ ଛାମୁଆଁ ନେତା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଏବଂ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଏବଂ ଧୂପ ପ୍ରଜ୍ୱଳନ କରାଯାଇଥିଲା। ଏହା ପରେ ଗୁମୁରା ସମିତି ସଭ୍ୟ ସ୍ୱର୍ଗତ ଉଦୟ ପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ନହବେଡା ସମିତି ସଭ୍ୟ ବସନ୍ତି ପ୍ରଧାନ, ମହିଳାନେତ୍ରୀ ତୁଳସୀ ମହାନ୍ତ, ନହବେଡା ପଂଚାୟତ ସଭାପତି ବିଶୁ ନାଏକ, ଖେଣ୍ଡରା ପଂଚାୟତ ସଭାପତି ଖଗେଶ୍ୱର ମହାନ୍ତ, ଝୁମ୍ପୁରା ପଂଚାୟତ ସଭାପତି ଭୋଳାନାଥ ନାଏକ, ବ୍ଲକ ଛାତ୍ର ସଭାପତି ଭାଗିରଥି ପ୍ରଧାନ, ରଞ୍ଜନ ବେହେରା, ଲାଲା ବାରିକ, କାଳେନ୍ଦୀ ମହାନ୍ତି, ପବନା ମହାନ୍ତ, ଟୁନା ଭଞ୍ଜ, ପ୍ରଶାନ୍ତୁ ମହାକୁଡ଼, ସରଜ ବାରିକ, ବସନ୍ତୁ ମହାନ୍ତ, ଯତୀନ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କ ସହିତ ତୃଣମୂଳ ସ୍ତରରେ ସଂଗଠନକୁ ଅଧିକରୁ ଅଧିକ ମଜବୁତ କରିବା ନେଇ ସବିଶେଷ ଆଲୋଚନା କରିଥିଲେ। ବିଜେଡି କର୍ମୀ ଓ ନେତାମାନେ ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ସହିତ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର ମତବ୍ୟକ୍ତ କରିଥିଲେ।



ଆନନ୍ଦପୁର ବ୍ଲକ ମନହୋରପୁର ପଚାଂୟତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି

# ନିଗମାନନ୍ଦ ସରସ୍ୱତୀ ଦେବଙ୍କ ନୀଳାଚଳ ସାରସ୍ୱତ ସଂଘର କେନ୍ଦୁଝର ଶାଖା ସଂଘର ୪୮ତମ ବାର୍ଷିକ ଉତ୍ସବ

କେନ୍ଦୁଝର, ୧୧/୧୦(ନି/ପ୍ର): ଶ୍ରୀ ଶ୍ରୀ ଠାକୁର ପରମହଂସ ପରିବାଜକାର୍ଯ୍ୟ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ନୀଳାଚଳ ସାରସ୍ୱତ ସଂଘ ର କେନ୍ଦୁଝର ଶାଖା ସଂଘ ର ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ନୀଳାଚଳ ସାରସ୍ୱତ ସଂଘ,ପୁରୀର ଉପସଭାପତି ତଥା କେନ୍ଦୁଝର ଜିଲ୍ଲା ସଙ୍ଘର ସଭାପତି କୀର୍ତ୍ତନ ବିହାରୀ ପାତ୍ର ଏବଂନୀଳାଚଳ ସାରସ୍ୱତ ସଂଘ, ପୁରୀର ସହ ସମ୍ପାଦକ ଡ଼ ରବୀନ୍ଦ୍ର ନାଥ ପରିଡ଼ା କେନ୍ଦ୍ର ପ୍ରତିନିଧି ଭାବେ ସଭା ପରିଚାଳନା କରିଥିଲେ। ଏଥିରେ କେନ୍ଦୁଝର ଶାଖା ର ସଭାପତି ମାଗୁଣି ଚରଣ ବାରିକ ମଧ ଉପସ୍ଥିତ ରହି ସହଯୋଗ କରିଥିଲେ। ଶାଖା ସଂଘ ର ଉପସଭାପତି ଦୀପକ କୁମାର ଗିରି, ସମ୍ପାଦକ ଦୁର୍ଗାମାଧବ ପଟ୍ଟନାୟକ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ପାତ୍ର ଭାଇ ଏବଂ ସମସ୍ତ ଭକ୍ତ ଭାଇ ମାଆଙ୍କ ଦ୍ୱାରା ଆଲୋଚନା ଶୁଣିବା ପାଇଁ ସମସ୍ତ ଭକ୍ତ ଓ କେନ୍ଦୁଝର ଜିଲ୍ଲାରୁ ଆସିଥିବା ସମସ୍ତ ସାରସ୍ୱତ ସଂଘ ସେବୀ, ଧର୍ମପିପାସୁମାନଙ୍କର ସାଦର ପୂର୍ବକ ସତ୍କାର ଏବଂ ଅତିଥ୍ୟ ପ୍ରଦାନ ପୂର୍ବକ ପ୍ରସାଦଗ୍ରହଣର ସୁବ୍ୟବସ୍ଥା କରାଯାଇଥିଲା। ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଦତ ଦଶବିଧ ନିୟମ ପାଳନ ପୂର୍ବକ ନିଜର ଚରିତ୍ର ଗଠନ କରି ମନୁଷତ୍ୱ , ଦେବତ୍ୱ, ଈଶ୍ୱରତ୍ୱରେ ପ୍ରତିଷ୍ଠିତ ହୋଇ ଠାକୁର ଙ୍କ ଜଗତହିତକର କାର୍ଯ୍ୟର ସାରଥି ହୋଇ ଶିବଜ୍ଞାନରେ ଜୀବସେବା ବ୍ରତ ପାଳନ କରିବା ଉପରେ ଆଲୋଚନା ହୋଇଥିଲା।

# ଭାରତ ରତ୍ନ ପ୍ରଦାନ ପାଇଁ ଦାବି

ଭଦ୍ରକ,୧୧/୧୦(ନି/ପ୍ର): ଏହି ଜିଲାର ଚାନ୍ଦବାଲି ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କର ୧୪୮ତମ ଜୟନ୍ତୀ ଦିବସ ପାଳନ ହୋଇଯାଇଛି।ସେବକ ଶିରୋମଣି, ସେବା ଓ ତିତିକ୍ଷାର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ କୁ ଗୁରୁବାର ସଖାଳ ୯ ଘଟିକା ସମୟରେ ଚାନ୍ଦବାଲି ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ଥିବା ପ୍ରତିମୂର୍ତି ଠାରେ ସମାଜସେବୀ,ଶିକ୍ଷକ, ଆଇନଜୀବୀ, ରାଜନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବଣିକ ସଂଘ ଏକତ୍ର ହୋଇ ଉତ୍କଳମଣି ଙ୍କ ଜୟନ୍ତୀ ଦିବସ ପାଳନ କରିଥିଲେ ।କାର୍ଯ୍ୟକ୍ରମ ଟିକୁ ସାମ୍ବାଦିକ ନିତ୍ୟ ପ୍ରକାଶ ବେହେରା ପରିଚାଳନା କରିଥିଲେ ।ଏଥିରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଓକିଲ ସଂଘ ର ସଭାପତି ଆଇନଜୀବୀ ଉପେନ୍ଦ୍ର ରାଉଳ ଯୋଗ ଦେଇ ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତି ରେ ଉତରୀୟ ଓ ପୁଷ୍ପମାଲ୍ୟ ଦେବା ସହ ଉତ୍କଳମଣି ଙ୍କ ତ୍ୟାଗ ପୂର୍ଣ୍ଣ ଜୀବନୀ ବିଷୟରେ ଆଲୋଚନା କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ।



କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

# ମଦ୍ୟପ ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ



ଠାକୁରମୁଣ୍ଡା,୧୧/୧୦(ନି/ପ୍ର): ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ହାତିଗୋଡା ଗ୍ରାମ ପଚାଂୟତ ଅନ୍ତର୍ଗତ ଅସନକୁଦୁର ଖଡିଆ ବସ୍ତିରେ ମଦ୍ୟପ ସ୍ୱାମୀ ସୁବୁଦ୍ଧି ଦେହୁରୀ (୫୦ )ଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଟୁରି ଦେହୁରୀ ମୃତ୍ୟୁବରଣ କରିଛନ୍ତି। ଘଟଣାରୁ ପ୍ରକାଶ, ଶୁକ୍ରବାର ସାପ୍ତାହିକ ହାଟକୁ ଟୁରୀ ଆସି ସଂଧ୍ୟାରେ ଘରକୁ ଫେରିଥିଲେ। ଘରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ସ୍ୱାମୀ କବାଟ ବନ୍ଦ କରି ସ୍ତ୍ରୀ ଟୁରୀଙ୍କୁ ଟଙ୍ଗିଆରେ ବେକକୁ ହାଣି ଝରକା ବାଟେ ଡେଇଁ ବାହରକୁ ପଳାଇଥିଲା। ଗତକାଲି ରାତି ୯ ଟାରେ ବଡ଼ ପୁଅ ପବିତ୍ର ଦେହୁରୀ (୨୩) ଠାକୁରମୁଣ୍ଡା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ସାପ୍ତାହିକ ହାଟକୁ ଟୁରୀ ଆସି ସଂଧ୍ୟାରେ ଘରକୁ ଫେରିଥିଲେ। ଘରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ସ୍ୱାମୀ କବାଟ ବନ୍ଦ କରି ସ୍ତ୍ରୀ ଟୁରୀଙ୍କୁ ଟଙ୍ଗିଆରେ ବେକକୁ ହାଣି ଝରକା ବାଟେ ଡେଇଁ ବାହରକୁ ପଳାଇଥିଲା। ଗତକାଲି ରାତି ୯ ଟାରେ ବଡ଼ ପୁଅ ପବିତ୍ର ଦେହୁରୀ (୨୩) ଠାକୁରମୁଣ୍ଡା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରୀ ସାବିତ୍ରୀ ଦଳେଇ ୧୧୮/୨୦୨୫ ଦଫା ୧୦୩(୧)ବିଏନଏସରେ ଏକ ମାମଲା ରୁଜୁ ଘଟଣା ସ୍ଥଳରେ ପହଚିଁ ଶବ ଜବତ ପରେ ଅଭିଯୁକ୍ତ ସୁବୁଦ୍ଧି ଦେହୁରୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଚମ୍ପୁଆ ବ୍ଲକରେ ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ

ଚମ୍ପୁଆ, ୧୧/୧୦(ନି/ପ୍ର):ଚମ୍ପୁଆ ବ୍ଲକ ସଭାଗୃହ ଠାରେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ଏ ସମ୍ବନ୍ଧରେ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା। ଗ୍ରାମାଚଂଳରେ ବା ସହରାଚଂଳରେ କିପରି ସମସ୍ତ ଶିଶୁ ଶିକ୍ଷା ଗ୍ରହଣ କରିବେ, ସମସ୍ତେ ବିଦ୍ୟାଳୟକୁ ଆସିବେ, ସମସ୍ତେ ବିଦ୍ୟାଳୟରେ ପାଠ ପଢିବେ, ଅଧାରୁ ପାଠ ଛାଡି ଯିବେନାହିଁ, କେହି ଶିଶୁ ଶ୍ରମିକ ଭାବେ କାମ କରିବେ ନାହିଁ, ଏ ସମ୍ପର୍କରେ ଏକ ପଂଚାୟତ ପ୍ରତିନିଧି ଓ ଅଧିକାରୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଚମ୍ପୁଆ ସିଡିପିଓ ଲକ୍ଷ୍ମୀ ମାରାଣ୍ଡି, ପଂଚାୟତ ନିର୍ବାହୀ ଅଧିକାରୀ ସ୍ୱାଗତିକା ପୃଷ୍ଟି, ରଞ୍ଜୁଲତା ଗିରି, ଜୁଲି ସର୍ଦ୍ଦାର, ସଙ୍ଗୀତା ମାଝୀ, ରୀନା ପ୍ରଧାନ, ବିଜନ କୁମାର ମୁଣ୍ଡା, ଅନିଲ ମହାନ୍ତ, ସଚିଦା ନନ୍ଦ ବାରିକ, ସଞ୍ଜୟ ମୁଦି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହିତ ରଜିଆ ସରପଂଚ ସନ୍ତୋଷ କୁମାର ନାଏକ, ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, ଭୁଇଁପୁର ସରପଂଚ କ୍ଷୀରମଣି ନାଏକ, ଚନ୍ଦ୍ରଶେଖରପୁର ସରପଂଚ ଜୟମଣି ନାଏକ, କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା, କୁଟାରିପଶି ସରପଂଚ ସଜରାମ ଚାତାର, ସୁନାପଶି ସରପଂଚ ସଂଚିତା ଚାତାର, ପଡୁଆ ସରପଂଚ ମନୋଜ ନାଏକ, ପର୍ଶଲା ସରପଂଚ ଲୀଳାବତୀ ମୁଣ୍ଡା, ଭଣ୍ଡା ସରପଂଚ ନୟନ ନାଏକ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ୫ମ ଶ୍ରାଦ୍ଧବାର୍ଷିକ

କେନ୍ଦ୍ରାପଡ଼ା,୧୧/୧୦(ନି/ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବାହାରଗଡ଼ ଗ୍ରାମର ବିଶିଷ୍ଟ ଶିକ୍ଷାବିତ, ଅବସରପ୍ରାପ୍ତ ଶିକ୍ଷକ, ସମାଜସେବୀ ସ୍ୱର୍ଗତ ବସନ୍ତ କୁମାର ପାଣିଙ୍କ ପଂଚମ ଶ୍ରାଦ୍ଧ ବାର୍ଷିକ ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ ତାଙ୍କ ବାସଭବନ ଠାରେ ସ୍ୱର୍ଗତ ବସନ୍ତ କୁମାର ପାଣି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା, ପ୍ରଫେସର ସତ୍ୟବାଦୀ ଜେନାଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ଓଡିଶା ର ସୁନାମ ଧନ୍ୟ ପ୍ରବଚକ ଶ୍ରୀ ସନ୍ୟାସୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ପାଣିଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରିଥିଲେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ରବିବାର ୧୨ ଅକ୍ଟୋବର ୨୦୨୫

## ପ୍ରତିବାତ

ବର୍ତ୍ତମାନ ଯୁଦ୍ଧ ଯୋଗୁଁ ତାହା ଘଟିଲେ ତେଲ ଦର ବ୍ୟାରେଲ ପିଛା ୯୦-୧୨୦ ଡଲାର୍ ପର୍ଯ୍ୟନ୍ତ ଛୁଇଁପାରେ । ହୁଏତ ଆମେରିକା ଯଦି ସାମରିକ ହସ୍ତକ୍ଷେପ କରି ମଧ୍ୟପ୍ରାଚ୍ୟ ତୈଳର ମୁଖ୍ୟ ପରିବହନ ପଥ ହର୍ମୁଜ ପ୍ରଣାଳୀକୁ ଉନ୍ମୁକ୍ତ ରଖେ ତେବେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇପାରେ । କିନ୍ତୁ ଅସ୍ଥିରଚିନ୍ତ ଟ୍ରମ୍ପ ପ୍ରଶାସନର ଆଚରଣ ସମ୍ବନ୍ଧରେ କୌଣସି ଭବିଷ୍ୟବାଣୀ କରାଯାଇ ପାରିବ ନାହିଁ । ଏଣୁ ଭାରତୀୟ ଅର୍ଥନୀତିର ମଙ୍ଗୁଆଳମାନେ ଏହି ସମ୍ଭାବ୍ୟ ପ୍ରତିକୂଳ ପବନର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିବା ଜରୁରି । ଭାରତୀୟ ଅର୍ଥନୀତି ବର୍ତ୍ତମାନ ଏପରି ଏକ ମୋଡ଼ରେ ପହଂଚିଛି, ଯେତେବେଳେ ତା'ର ଅଭିବୃଦ୍ଧିକୁ ସହାୟକ ହେବା ପାଇଁ ପୂରାପୂରି ଅନୁକୂଳ ବାଆ ବହିବାକୁ ଆରମ୍ଭ କରିଥିବା ଭଳି ମନେ ହୋଇଥାଏ । ସଦ୍ୟ ପ୍ରକାଶିତ ସୂଚନା ଅନୁସାରେ ଦେଶରେ ଖାଉଟି ମୁଦ୍ରାସ୍ଫୀତି ବିଗତ ଚାରି ମାସ ଧରି ଯେଉଁ ଉନ୍ନମ ଆଚରଣ ପ୍ରଦର୍ଶନ କରି ୪ ଶତାଂଶ ହାର ତଳେ ରହି ଆସିଥିଲା, ସେଇ ଧାରାକୁ ଅବ୍ୟାହତ ରଖି ମଇ ମାସରେ ତାହା ହୋଇଛି ମାତ୍ର ୨.୮୨ ଶତାଂଶ, ଯାହା ପୁଣି ହେଉଛି ଫେବ୍ରୁଆରି ୨୦୧୯ ପରଠାରୁ, ଅର୍ଥାତ୍ ବିଗତ ଛ' ବର୍ଷରୁ ଅଧିକ କାଳ ମଧ୍ୟରେ ସର୍ବନିମ୍ନ । ଅତୀତରେ ଉଚ୍ଚା ମୁଦ୍ରାସ୍ଫୀତି ହାର ଯୋଗୁଁ ରିଜର୍ଭ ବ୍ୟାଙ୍କ୍ ଅଭିବୃଦ୍ଧିକୁ ସହାୟକ ହେବା ନିମିନ୍ତ ସୁଧ ହାରରେ ହ୍ରାସ ଘଟାଇବାକୁ କୁଣ୍ଠିତ ହୋଇ ଆସିଥିବାବେଳେ ବର୍ତ୍ତମାନ ମୁଦ୍ରାସ୍ଫୀତିର ନରମ ଆଚରଣ ତା'ର ସେଇ କୁଣ୍ଠା ଦୂର କରିବାରେ ସଫଳ ହୋଇଛି । ଏହାର ପରିପ୍ରକାଶ ସ୍ୱରୂପ ରିଜର୍ଭ ବ୍ୟାଙ୍କ୍ ସଦ୍ୟ ସଦ୍ୟ 'ରେପୋ ରେଟ୍'ରେ ଏକ ସଂପୂର୍ଣ୍ଣ ଅପ୍ରତ୍ୟାଶିତ ତୀକ୍ଷ୍ଣ ୫୦ ବେସିସ୍ ପଏଂଟ ହ୍ରାସ ଘଟାଇ ତାହାକୁ ୫.୫୦ ଶତାଂଶ ସ୍ତରକୁ ଖସାଇ ଆଣିଛି । ଦେଶରେ ଖାଉଟି ଚାହିଦାରେ ଦେଖାଯାଉଥିବା ମନ୍ଥରତା ଦୀର୍ଘ କାଳ ଧରି ଶିଳ୍ପ ବ୍ୟବସାୟ କ୍ଷେତ୍ର ପାଇଁ ନିରୁତ୍ସାହ ସୃଷ୍ଟି କରିଆସିଛି । ବର୍ତ୍ତମାନ ଏଥିରେ ମଧ୍ୟ ଆଶାଜନକ ଉନ୍ନତି ଘଟିବାର ସୂଚନା ମିଳୁଛି । ଖାଉଟି ଚାହିଦାରେ ବୃଦ୍ଧି ଘଟିଲେ ସରକାରଙ୍କର 'ଜିଏସ୍‌ଟି' ରାଜସ୍ୱ ସଂଗ୍ରହରେ ବୃଦ୍ଧି ଘଟିଥାଏ । ବିଗତ ତିନି ମାସ ଧରି 'ଜିଏସ୍‌ଟି' ସଂଗ୍ରହରେ ଯେଉଁ ବୃଦ୍ଧି ଧାରା ଦେଖିବାକୁ ମିଳିଛି, ତାହା ଖାଉଟିମାନଙ୍କର ନିଦ୍ରାଭଙ୍ଗର ସୂଚନା ବହନ କରିଥାଏ । ଘରୋଇ ଦ୍ରବ୍ୟ ଓ ସେବା ସୂତ୍ରରୁ ସଂଗୃହୀତ 'ଜିଏସ୍‌ଟି'ରେ ଏପ୍ରିଲରେ ୧୦.୭ ଶତାଂଶ ବୃଦ୍ଧି ଘଟିଥିବାବେଳେ ମଇରେ ବୃଦ୍ଧି ହାର ହୋଇଛି ୧୩.୭ ଶତାଂଶ । ଏପ୍ରିଲ ଓ ମଇରେ 'ଜିଏସ୍‌ଟି' ସଂଗ୍ରହ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବା ଦେଖାଯାଇଛି । ପାଣିପାଗ ବିଶେଷଜ୍ଞମାନେ ଏଥର ମଧ୍ୟ ଏକ ଅନୁକୂଳ ମେ ?ସୁମୀ ବୃଷ୍ଟିପାତ ଘଟିବାକୁ ଯାଉଛି ବୋଲି ଦୃଢ଼ ପୂର୍ବାନୁମାନ ପ୍ରକାଶ କରିଛନ୍ତି । ପୂର୍ବ ଋତୁରେ କୃଷି ଅମଳ ମଧ୍ୟ ସନ୍ତୋଷଜନକ ହୋଇଛି । ଏହାର ମିଳିତ ପ୍ରଭାବରେ ଭାରତର ଗ୍ରାମ୍ୟ ଅର୍ଥନୀତିରେ ଖାଉଟି ଚାହିଦାରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଏଥରର ବଜେଟ୍‌ରେ ସରକାର ଆୟ କରରେ ପ୍ରଦାନ କରିଥିବା ରିହାତି ସହରାଂଚଳର ଖାଉଟିମାନଙ୍କର କ୍ରୟ ଶକ୍ତିରେ ବୃଦ୍ଧି ଘଟାଇ ଥିବାବେଳେ, ନୀଚା ମୁଦ୍ରାସ୍ଫୀତି ସେମାନଙ୍କୁ ବଜାରମୁହାଁ କରାଇଛି । ଏ ସବୁର ମିଳିତ ପ୍ରଭାବ ଭାରତୀୟ ଅର୍ଥନୀତିକୁ ନିବେଶକ ଏବଂ ଶିଳ୍ପବାଣିଜ୍ୟ ଉଦ୍ୟୋଗୀମାନଙ୍କ ପାଇଁ ଏକ ଅତ୍ୟନ୍ତ ଅନୁକୂଳ ଆକର୍ଷଣରେ ପରିଣତ କରିବା ସ୍ୱାଭାବିକ । କିନ୍ତୁ ଭାରତୀୟ ଅର୍ଥନୀତି ବୋଇତ ଏଭଳି ଅନୁକୂଳ ବାଆକୁ ଉପଯୋଗ କରି ଦ୍ରୁତ ଅଭିବୃଦ୍ଧି ହାସଲ କରିବା ପାଇଁ ଅଝାଳ ମେଲାଇବାକୁ ଆରମ୍ଭ କରିଥିବାବେଳେ ବର୍ତ୍ତମାନ ଦିଗ୍ ?ବଳୟରେ ଏପରି ଏକ ଝଡ଼ର ଆବିର୍ଭାବ ଘଟିଛି ଯାହା ତା'ର ଗତିପଥରେ ଏକ ବିରାଟ ପ୍ରତିବନ୍ଧକ ସୃଷ୍ଟି କରିପାରେ । ଏହି ନୂତନ ଝଡ଼ (ଏଥିପୂର୍ବରୁ ରୁଷ୍-ୟୁକ୍ରେନ୍ ଯୁଦ୍ଧ, ଟ୍ରମ୍ପ ଟାରିଫ୍ ଆଦି ଆନ୍ତର୍ଜାତିକ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଚାଲିଛନ୍ତି) ହେଉଛି ଇସ୍ରାଏଲ-ଇରାନ ସଂଘର୍ଷ । ଆଗାମୀ ଦିନମାନଙ୍କରେ ଏହି ସଂଘର୍ଷ ଯଦି ଏକ ବିଧିବଦ୍ଧ ଯୁଦ୍ଧର ରୂପ ନିଏ ଏବଂ ସେ ସମଗ୍ର ଅଂଚଳକୁ ଆକ୍ରାନ୍ତ କରେ, ତେବେ ଭାରତ ପାଇଁ ତାହା ବିଭିନ୍ନ ସମସ୍ୟାମାନ ସୃଷ୍ଟି କରିପାରେ- ରାଜନେ ?ତିକରୁ କୂଟନେ ?ତିକ ଓ ଅର୍ଥନୈତିକ ପର୍ଯ୍ୟନ୍ତ । କିନ୍ତୁ ଭାରତୀୟ ଅର୍ଥନୀତି ପାଇଁ ଯାହା ସବୁଠାରୁ ବଡ଼ ପ୍ରତିବନ୍ଧକ ରୂପେ ଦେଖା ଦେବ ତାହା ହେଉଛି ଏହି ଯୁଦ୍ଧ ଯୋଗୁଁ ତୈଳ ଦରରେ ଏକ ସମ୍ଭାବ୍ୟ ତୀକ୍ଷ୍ ?ଣ ବୃଦ୍ଧି । ଏହାର ଏକ ପୂର୍ବାଭାଷ ସ୍ୱରୂପ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଆରମ୍ଭ କରିବା ମାତ୍ରେ ସେଇ ଶୁକ୍ରବାର ଦିନ ହିଁ ବ୍ରେଂଟ ଅଶୋଧିତ ତୈଳ ଦରରେ ୮ ଶତାଂଶ ବୃଦ୍ଧି ଘଟି ତାହା ବ୍ୟାରେଲ ପିଛା ୭୪ ଡଲାର୍ ହୋଇଯାଇଥିଲା । ସୂଚନାଯୋଗ୍ୟ ଯେ ତୈଳ ଯୋଗାଣରେ କୌଣସି ସଂକୋଚନ ଘଟି ନ ଥିଲେ ହେଁ ତୈଳ ଦରରେ ଏଭଳି ତୀକ୍ଷ୍ଣ ବୃଦ୍ଧି ଘଟିଥିଲା । ଏହାର କାରଣ ହେଉଛି ଭବିଷ୍ୟତରେ ଯୋଗାଣ ବ୍ୟାହତ ହେବାର ଆଶଙ୍କା । ଭାରତର ଜଣାଶୁଣା ଦୁର୍ବଳତା ହେଲା ଆମେ ଆମର ତୈଳ ଚାହିଦା ପୂରଣ ନିମିନ୍ତ ମୁଖ୍ୟତଃ ଆମଦାନି ଉପରେ ନିର୍ଭର କରିଥାଉ, ଯାହାର ଅଂଶ ହେଉଛି ୮୦ ଶତାଂଶ । ତୈଳ ଦରରେ ଯଦି ବୃଦ୍ଧି ଘଟେ, ତେବେ ଏହାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଯୋଗୁଁ ଏବେ ମଥା ନୁଆଁଇ ଥିବା ମୁଦ୍ରାସ୍ଫୀତି ପୁଣି ମୁଣ୍ଡ ଟେକିବ । ଯଦି ତାହା ଘଟେ, ତେବେ ରିଜର୍ଭ ବ୍ୟାଙ୍କ୍ ପୁଣି 'ରେପୋ ରେଟ୍'ରେ ବୃଦ୍ଧି ଘଟାଇବାକୁ ବାଧ୍ୟ ହେବ । ଏମାନଙ୍କର ମିଳିତ ପ୍ରଭାବରେ ଉଭୟ ନିବେଶ ଓ ଖାଉଟି ଚାହିଦାରେ ପୁଣି ଶିଥିଳତା ଅନୁପ୍ରବେଶ କରିବ । ଅର୍ଥନୀତିକୁ ଅ ?ାଗେଇ ନେଉଥିବା ଅନୁକୂଳ ବାଆ ପୁଣି ଥମି ଯିବାକୁ ଆରମ୍ଭ କରିବ । ସେତିକି ନୁହେଁ, ଯୁଦ୍ଧ ଯୋଗୁଁ ଯଦି ହର୍ମୁଜ ପ୍ରଣାଳୀ ଓ ସୁଏଜ କେନାଲରେ ଜାହାଜ ଚଳାଚଳ ବନ୍ଦ ହୋଇଯାଏ, ତେବେ ଆନ୍ତର୍ଜାତିକ ତୈଳ ଯୋଗାଣ ସହିତ ଭାରତୀୟ ରପ୍ତାନି ମଧ୍ୟ ବାଧା ପାଇବ । ତେବେ ଯୁଦ୍ଧ କେଉଁ ମୋଡ଼ ନେବ ଏବଂ ସେଥିଯୋଗୁଁ ତୈଳ ଯୋଗାଣ ଓ ଦର କିଭଳି ପ୍ରଭାବିତ ହେବ, ସେ ସମ୍ବନ୍ଧରେ ସଠିକ୍ ପୂର୍ବାନୁମାନ କରିବା କଷ୍ଟକର । ଇରାନର ତୈଳକୂପମାନ ଏବଂ ରପ୍ତାନି ଟର୍ମିନାଲ ସବୁ ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଯଦି ଇରାନର ତୈଳ ରପ୍ତାନି ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଏ, ତା'ହେଲେ ଆନ୍ତର୍ଜାତିକ ତୈଳ ଯୋଗାଣରେ ଦୈନିକ ୧.୭ ନିୟୁତ ବ୍ୟାରେଲ ହ୍ରାସ ଘଟିବ । ଅବଶ୍ୟ ଏହାକୁ ଭରଣା କରିବା ପାଇଁ ସାଉଦି ଆରବ ଓ 'ୟୁଏଇ' ପରି ପଡ଼ୋଶୀ ଦେଶମାନଙ୍କ ପାଖରେ ଯଥେଷ୍ଟ ବଳକା ତୈଳ ଉପଲବ୍ଧ ଅଛି ଏବଂ ସେମାନେ ଏହି ଅପ୍ରତ୍ୟାଶିତ ପରିସ୍ଥିତିରୁ ଲାଭ

## ଅସାର କ୍ଷେପଣାସ୍ତ୍ର

ଶଂସିତ ଘଟଣାରେ ଜୋତା କ୍ଷେପଣକାରୀ ହେଉଛନ୍ତି ସେହି ଅଦାଲତର ଜଣେ ବରିଷ୍ଠ ଓକିଲ ଯିଏ ନିଜ ପ୍ରତିବାଦକୁ ତାଙ୍କ ଯୁକ୍ତି ବା ଭାଷା ମାଧ୍ୟମରେ ମୁଖ୍ୟ ବିଚାରପତିଙ୍କ ସମ୍ମୁଖରେ ଅଧିକ ଦୃଢ଼ ଭାବେ ରଖି ପାରି ଥାଆନ୍ତେ ! କିନ୍ତୁ ସେ ତାହା ନ କରି ଏକ ଅସାର କ୍ଷେପଣାସ୍ତ୍ରର ଆଶ୍ରୟ ନେଲେ, ଯାହା ଦୁର୍ଭାଗ୍ୟପୂର୍ଣ୍ଣ ! ଗଲା ସୋମବାର ଦିନ ସର୍ବୋଚ୍ଚ ଅଦାଲତର ମୁଖ୍ୟ ବିଚାରପତି ବି. ଆର. ଗଓ୍ୱାଇଙ୍କୁ ଲକ୍ଷ୍ୟ କରି ଜଣେ ଓକିଲଙ୍କ ଦ୍ୱାରା ଜୋତା କ୍ଷେପଣ ଭଳି ଘଟଣା ସମଗ୍ର ଦେଶରେ ତୁମୂଳ ଆଲୋଡ଼ନ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତୋତ୍ତର ଭାରତବର୍ଷରେ ଶୀର୍ଷତମ ଅଦାଲତର ମୁଖ୍ୟ ବିଚାରପତିଙ୍କ କଥା ଦୂରେ ଥାଉ, କୌଣସି ଉଚ୍ଚ ଅଦାଲତର କୌଣସି ବିଚାରପତିଙ୍କ ପ୍ରତି ଏଭଳି ଗର୍ହିତ ଆଚରଣ ପ୍ରଦର୍ଶନରେ ଏହା ପ୍ରଥମ ଏବଂ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଅନସ୍ୱୀକାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ ଅବିଳମ୍ବେ ବିବୃତି ପ୍ରଦାନ କରି ସାରିଲେଣି । କହିବାରେ ଦ୍ୱିଧା ନାହିଁ ଯେ ଏହି ଉଦ୍ୟମରେ ନିହିତ ଥିବା ସାହସ ଓ ଅବଜ୍ଞା ଭାବ ଅତ୍ୟନ୍ତ ଉଦ୍‌ବେଗଜନକ, କାରଣ ତାହା ମୁଷ୍ଟିମେୟ ଉପଦ୍ରବକାରୀଙ୍କୁ ଉତ୍ସାହିତ କଲା ଭଳି ଏକ ଜଘନ୍ୟ ଦୃଷ୍ଟାନ୍ତରେ ପରିଣତ ହୋଇପାରେ ! ଏଭଳି ସ୍ଥିତିରେ ଏହା ପଛର କାରଣ ଏବଂ ପରବର୍ତ୍ତୀ ଘଟଣାକ୍ରମକୁ ନେଇ ଏକ କ୍ଷୁଦ୍ର ଆଲୋଚନା ବିଶେଷ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ, କାରଣ ଏହି ଘଟଣା କିଭଳି ପତଳା ପରସ୍ତ ବହୁଳ ଏବଂ ଜଟିଳ ତାହା ହିଁ ଏତଦ୍ୱାରା ସ୍ୱଷ୍ଟ ହେବ । ପ୍ରଥମେ ଚୁମ୍ବକରେ ଏହି ଘଟଣାର ପୃଷ୍ଠଭୂମି । ଖଜୁରାହୋରେ ଏକ ଭଗ୍ନ ବିଷ୍ଣୁ ପ୍ରତିମାର ମରାମତି ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲାକୁ ଗ୍ରହଣ ନ କରି ଜଷ୍ଟିସ ଗଓ୍ୱାଇ ପ୍ରଦାନ କରିଥିବା ମତର ସାରାଂଶ ଥିଲା ଯେ ଏଭଳି ସଂଦର୍ଭ ଅଦାଲତକୁ ନ ଆସି ପ୍ରତ୍ନତତ୍ତ୍ୱ ବିଭାଗକୁ ଯିବା ସମୀଚୀନ; କିନ୍ତୁ ତହିଁରେ ଏକ ମନ୍ତବ୍ୟ ମଧ୍ୟ ଥିଲା ଯେ 'ଭଗବାନଙ୍କୁ ଧ୍ୟାନର ସହିତ ପ୍ରାର୍ଥନା କର, କାଳେ ତୁମ ଅଭୀଷ୍ଟ ପୂରଣ ହୋଇ ଯାଇପାରେ !' କହିବା ଅନାବଶ୍ୟକ ଯେ ଏଭଳି ମନ୍ତବ୍ୟ ହିନ୍ଦୁ ଧର୍ମୀୟ ଭାବନାକୁ କ୍ଷୁଣ୍ଣ କରିଛି ବୋଲି ତୀବ୍ର ଉଚ୍ଚାଟ ସୃଷ୍ଟି ହେବାରୁ ମୁଖ୍ୟ ବିଚାରପତି ତୁରନ୍ତ ଏକ ସ୍ୱଷ୍ଟୀକରଣ ଦେଇଥିଲେ ଯେ ଏଭଳି କୌଣସି ଉଦ୍ଦେଶ୍ୟ ତାଙ୍କର ନ ଥିଲା ଏବଂ ସେ ସବୁ ଧର୍ମକୁ ସମ ଦୃଷ୍ଟିରେ ଦେଖନ୍ତି । କିନ୍ତୁ ଏହି ମନ୍ତବ୍ୟ ଯେ ଏକ ଅଚ୍ଛିଣ୍ଡା ଜଟିଳତା ସୃଷ୍ଟି କରିବା ଅନିବାର୍ଯ୍ୟ ଥିଲା, ତାହା ସାମାନ୍ୟ ଦୂରଦର୍ଶିତା ଅବଶ୍ୟ ସୂଚଇ ଦିଅନ୍ତା । କାରଣ, ଜଷ୍ଟିସ ଗଓ୍ୱାଇ ହେଉଛନ୍ତି ଦଳିତ ବର୍ଗର ଏବଂ ହିନ୍ଦୁ ଧର୍ମରେ ଗଭୀର ଭାବେ ଅଙ୍ଗୀଭୂତ ଜାତି ବିଦ୍ୱେଷର ତୀବ୍ରତା ସହ୍ୟ କରି ନ ପାରି ତାଙ୍କ ପରିବାର ଧର୍ମାନ୍ତରିତ ହୋଇ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ସୁତରାଂ, ତାଙ୍କ ମନ୍ତବ୍ୟ ଦ୍ୱାରା କଠୋରପନ୍ଥୀ ହିନ୍ଦୁମାନେ ଆହତ ହେବାରେ ବିସ୍ମୟର ବିଶେଷ କାରଣ ନ ଥାଏ । ତେଣୁ କୁହାଯାଇପାରେ ଯେ ସଂପ୍ରତି ଯେତେବେଳେ ଧର୍ମ ବା ଜାତି ବା ଭାଷା ଭଳି ପରିଚୟ ପ୍ରଦାନକାରୀ ବିଷୟମାନ ଅତ୍ୟନ୍ତ ସ୍ପର୍ଶକାତର ହୋଇ ଉଠିଛନ୍ତି, ସେତିକି ବେଳେ ମୁଖ୍ୟ ବିଚାରପତିଙ୍କ ଭଳି ଜଣେ ବିଜ୍ଞଙ୍କ ତୁଣ୍ଡରୁ ଏଭଳି ସ୍ଫୁରଣ ସଂପୂର୍ଣ୍ଣ ଅନାବଶ୍ୟକ ଥିଲା । ଏହା ମଧ୍ୟ ବିଭିନ୍ନ ଦୃଷ୍ଟାନ୍ତ ଦ୍ୱାରା ପ୍ରମାଣିତ ହେବାରେ ଲାଗିଲାଣି ଯେ ଏଭଳି ଅହେତୁକ ଓ ଅକସ୍ମାତ ବିଚ୍ୟୁତି ଲାଗି ଦୁଃଖ ପ୍ରକାଶ ବା ପଶ୍ଚାତ୍ତାପ କଲେ ମଧ୍ୟ ପରିମାର୍ଜନ ସଂପୂର୍ଣ୍ଣ ହୋଇ ନ ପାରେ; କାରଣ ସାମାଜିକ ଗଣମାଧ୍ୟମର ପ୍ରଭାବରୁ ଏହା ସହଜେ ବିସ୍ମୃତ ହୋଇ ନ ଥାଏ ଏବଂ ଏଭଳି ସ୍ଥଳେ ମର୍ମଭେଦୀ ଉତ୍ତରଟିଏ ଦେବା ଲାଗି କକ୍ଷଚ୍ୟୁତ ଜ୍ୟୋତିଷ୍କ ଭଳି ଘୂରି ବୁଲୁଥିବା କେଉଁଣସି ଅତୃପ୍ତ ମନ ସହସା ଆବିର୍ଭୂତ ହୋଇ ଉପଦ୍ରବ ରଚନା କରିପାରେ ! ପ୍ରକାଶ ଥାଉ କି ଏହି ଘଟଣା ସର୍ବତ୍ର ଓ ସମସ୍ତଙ୍କ ଦ୍ୱାରା ନିନ୍ଦାର ଶରବ୍ୟ ହେଉଥିବା ବେଳେ ଜୋତା କ୍ଷେପଣକାରୀ ତାଙ୍କ କାର୍ଯ୍ୟ ଲାଗି ଆଦୌ ଅନୁତପ୍ତ ନୁହନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ ସଦର୍ପ ପ୍ରକାଶ କରିଛନ୍ତି । ଏଭଳି ଆଭିମୁଖ୍ୟ ହିଁ ପ୍ରକୃତ ଉଦ୍‌ବେଗର କାରଣ । ଏଣେ, ମୁଖ୍ୟ ବିଚାରପତି ଅପୂର୍ବ ସ୍ଥିରତା ଓ ହୃଦୟବତାର ପରିଚୟ ଦେଇ ଜୋତା କ୍ଷେପଣକାରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ କରିବାକୁ କହିଛନ୍ତି । କିନ୍ତୁ, ଏଭଳି ଆଗ୍ରହ ମଧ୍ୟ ଆଉ ଏକ ବିତର୍କର କାରଣ ହେଲାଣି । ଅଦାଲତ କକ୍ଷରେ ଆସୀନ ବିଚାରପତିଙ୍କୁ ଲକ୍ଷ୍ୟ କରି ଜୋତା ଫିଙ୍ଗିବା କେବଳ ଅଦାଲତ ଅବମାନନା ହୋଇ ନ ଥାଏ, ଏହା ଏକ ହିଂସ୍ର ଆକ୍ରମଣ ହୋଇଥିବାରୁ ଧର୍ତବ୍ୟ ଅପରାଧ ପର୍ଯ୍ୟାୟବାଚୀ ହୋଇଥାଏ, ଯହିଁରେ ଆଇନାନୁସାରୀ ଦଣ୍ଡ ବିଧାନ ଏକ ସ୍ୱାଭାବିକ ପ୍ରକ୍ରିୟା । ପୂର୍ବରୁ ଏଭଳି କାର୍ଯ୍ୟ କରି ଅନେକ ବ୍ୟକ୍ତି ଦଣ୍ଡିତ ମଧ୍ୟ ହୋଇଛନ୍ତି । ତେଣୁ, ପ୍ରଧାନ ବିଚାରପତି ବ୍ୟକ୍ତିଗତ ଭାବେ ଅଭିଯୁକ୍ତଙ୍କୁ କ୍ଷମା ପ୍ରଦାନ କଲେ ସୁଦ୍ଧା ଆଇନ ଦ୍ୱାରା ସେ ବିଚାର ପରିସରଭୁକ୍ତ ହେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ନିମ୍ନ ଅଦାଲତର ଜନୈକ ବିଚାରପତିଙ୍କ 'ଏକ୍ସ' ବାର୍ତ୍ତା ପ୍ରଣିଧାନଯୋଗ୍ୟ, ଯହିଁରେ ସେ ଆଶଙ୍କା ପ୍ରକଟ କରିଛନ୍ତି ଯେ ଏଭଳି କ୍ଷମା ପ୍ରଦାନ ଅନ୍ୟ ଉପଦ୍ରବକାରୀମାନଙ୍କ ଲାଗି ପ୍ରୋତ୍ସାହନମୂଳକ ହେବ ଏବଂ ଏହି କାରଣରୁ ବିନା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାରେ ଥିବା ନିମ୍ନ ଅଦାଲତଗୁଡ଼ିକର ବିଚାରପତିମାନେ ଏକ ଧମକଭରା ପରିବେଶରେ କାର୍ଯ୍ୟ କରିବାକୁ ବାଧ୍ୟ ହେବେ । ତେଣୁ, ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଯେ ଅପରିହାର୍ଯ୍ୟ, ତାହା କହିବା ବାହୁଲ୍ୟ ମାତ୍ର । ଇତି ମଧ୍ୟରେ ଉଚ୍ଚ ଅଦାଲତର ବିଚାରପତି ପଦର ଗରିମା ଯେ ନିଷ୍ପ୍ରଭ ହେବାରେ ଲାଗିଲାଣି, ତହିଁରେ ସନ୍ଦେହ ନାହିଁ । କପିଳ ସିବଲ ବା ହରୀଶ ସାଲଭେଙ୍କ ଭଳି ବିଶିଷ୍ଟ ଓକିଲମାନଙ୍କ ମତରେ ଟେଲିଭିଜନରେ ଅଦାଲତୀ କାର୍ଯ୍ୟକଳାପ(ସ ?ର୍ବୋଚ୍ଚ ଅଦାଲତ)ର ସିଧା ପ୍ରସାରଣ ସହିତ ଏହି ଅବକ୍ଷୟର ପ୍ରାରମ୍ଭ ଘଟିଛି; ଏହା ଦ୍ୱାରା ଜନସାଧାରଣଙ୍କ ଧୃଷ୍ଟତାପୂର୍ଣ୍ଣ ଓ ମୂଢ଼ ଅନୁଶୀଳନ ମଧ୍ୟକୁ ଚାଲିଆସି ସର୍ବୋଚ୍ଚ ଅଦାଲତ ତା'ର ଗାମ୍ଭୀର୍ଯ୍ୟ ହରାଇଛି । ହରୀଶ ସାଲଭେଙ୍କ ମତରେ ବିଚାର ପ୍ରକ୍ରିୟାରେ 'ଚଥାମ ହାଉସ' ନିୟମ ପାଳନ କରାଯିବା ଉଚିତ, ଯେଉଁ ନିୟମ ଅନୁସାରେ ରୁଦ୍ଧ ପ୍ରକୋଷ୍ଠରେ ସଂପୂର୍ଣ୍ଣ ସ୍ୱାଧୀନତାର ସହିତ ବିଚାର ଆଲୋଚନା ହୋଇଥାଏ, କିନ୍ତୁ ଲୋକକ୍ଷେତ୍ରକୁ ସଂପୂର୍ଣ୍ଣ ବିବରଣୀ ଅଣାଯିବା ବେଳେ ତହିଁରେ ତଥ୍ୟ ଓ ସୂଚନାର ଉତ୍ସକୁ ପ୍ରକାଶ କରାଯାଇ ନ ଥାଏ । ତାଙ୍କ ମତରେ ଏଭଳି ଏକ ବ୍ୟବସ୍ଥା ନ ଥିବାରୁ ସର୍ବୋଚ୍ଚ ଅଦାଲତ କକ୍ଷରେ ବିଜ୍ଞ ବିଚାରପତି ଓ ବିଦ୍ୱାନ ଓକିଲମାନଙ୍କ ମଧ୍ୟରେ ହେଉଥିବା ତୀକ୍ଷ୍ ?ଣ ଯୁକ୍ତିତର୍କର ଗୁରୁତ୍ୱ ନ ବୁଝି କୌଣସି ବିଚାରପତିଙ୍କ ମୁଖ ନିସୃତ ଗୋଟିଏ ଗୋଟିଏ ଅପ୍ରାସଙ୍ଗିକ ବାକ୍ୟକୁ ତୋଳି ଧରି ଚା ଁଲ୍ୟ ଶିକାରୀ ମୁଖ୍ୟ ସ୍ରୋତୀୟ ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧିଗଣ ଅଜ୍ଞତା, ଅନଭିଜ୍ଞତା ଓ ଅର୍ବାଚୀନତାର ପରିଚୟ ଦେଇ ଅଯେ ?କ୍ତିକ ମନ୍ଥନ ଦ୍ୱାରା କଦର୍ଥପୂର୍ଣ୍ଣ ବ୍ୟାଖ୍ୟାନମାନ ସୃଷ୍ଟି କରିବାରେ ବ୍ୟାପୃତ । ତେବେ, କେବଳ ସେତିକି ନୁହେଁ, ସଂପ୍ରତି ଉଚ୍ଚ ଅଦାଲତର କେତେକ ବିଚାରପତି କେଉଁଠି ଆଦର୍ଶ ସ୍ଥାନୀୟ ନିଷ୍ପକ୍ଷତା ଓ ଯୌକ୍ତିକତା ଆଦିକୁ ପରିହାର କରି ଲୋକକ୍ଷେତ୍ରରେ ଭାଷଣ ଓ ସାକ୍ଷାତ୍‌କାର ଆଦି ମାଧ୍ୟମରେ ସେମାନଙ୍କ ତୀବ୍ର ପକ୍ଷପାତିତା ଓ ପୂର୍ବାଗ୍ରହ ପ୍ରଦର୍ଶନ କରୁଛନ୍ତି ତ ଆଉ କେଉଁଠି ଦୁର୍ନୀତି-ସନ୍ଦିଗ୍ଧ ହୋଇ ଉଠୁଛନ୍ତି । ଏଭଳି ସ୍ଥଳେ ବିଚାରପତିମାନଙ୍କ ପ୍ରତି ରହିଥିବା ପ୍ରତ୍ୟୟ ଅନେକତ୍ର ଦୁର୍ବଳ ମଧ୍ୟ ହେଉଛି । ସଂପ୍ରତି ମାନ୍ୟବର ମୁଖ୍ୟ ବିଚାରପତି ଗଓ୍ୱାଇ ସାମାଜିକ ଗଣମାଧ୍ୟମରେ ଉଭୟ ସମର୍ଥନ ଓ ଭର୍ତ୍ସନାର ସମ୍ମୁଖୀନ ହେଉଛନ୍ତି; ଯହିଁରେ ତାଙ୍କ ଜାତି ଓ ଧର୍ମର ପରିଚୟ କେନ୍ଦ୍ର ବିନ୍ଦୁରେ ଅଛି । ଏହା ତାଙ୍କୁ ବ୍ୟଥିତ ଓ ବିଚଳିତ କରୁଥିବା ସୁନିଶ୍ଚିତ । ଏଭଳି ସ୍ଥିତିରେ ଧାରଣା କରାଯାଇପାରେ କିଭଳି ନିମ୍ନରୁ ଆରମ୍ଭ କରି ଉଚ୍ଚ ଅଦାଲତ ପର୍ଯ୍ୟନ୍ତ ସବୁଠି ବିଚାରପତିମାନେ ଭୟ, ପ୍ରଭାବ ଓ ଚାପ ଦ୍ୱାରା ଆକ୍ରାନ୍ତ ହୋଇ କାର୍ଯ୍ୟ ସଂପାଦନ କରିବାର ସମୟ ଉପନୀତ ହେଲାଣି । ହଠାତ୍ ଉତ୍କ୍ଷିପ୍ତ ହୋଇ ଉଠି ହାତରେ ଲବ୍‌ଧ ଯେ କୌଣସି ବସ୍ତୁକୁ ନିକ୍ଷେପ କରିବା ଉଣାଅଧିକେ ଏକ ସହଜାତ ପ୍ରବୃତ୍ତି ହୋଇଥାଏ, ଯଦିଓ ତାହା ବିପଦ ସୃଷ୍ଟି କରିବାର ଆଶଙ୍କା ବହନ କରେ; ଯେମିତି ଏକ ଯୁକ୍ତିତର୍କ ବେଳେ କ୍ରୋଧରେ ହିତାହିତ ଜ୍ଞାନ ଶୂନ୍ୟ ଆଲେକଜାଣ୍ଡରଙ୍କ ହାତର ବର୍ଚ୍ଛା ତାଙ୍କ ମିତ୍ର କ୍ଲେଟିଅସଙ୍କ ବକ୍ଷ ଭେଦ କରି ମୃତ୍ୟୁର କାରଣ ହୋଇଥିଲା । ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ କ୍ରୋଧ ବ୍ୟକ୍ତ କରିବାକୁ ମୁଖ ବ୍ୟର୍ଥ ହେଲେ (ଗାଳି ଫଜିତ ଦ୍ୱାରା) ତାହା ଶାରୀରିକ ଆକ୍ରମଣରେ ସ୍ୱରୂପ ପାଏ । ଅବଶ୍ୟ, ଏଭଳି ଆଚରଣ ପରବର୍ତ୍ତୀ କାଳରେ ଅନୁତାପର ଜ୍ୱାଳା ସୃଷ୍ଟି କରିପାରେ । କିନ୍ତୁ ସ୍ଥିର ମସ୍ତିଷ୍କରେ ସଚେତନ ଭାବେ ଜୋତା ନିକ୍ଷେପ କଲା ଭଳି କାର୍ଯ୍ୟ ପଛରେ ଭାଷା ନ ସ୍ଫୁରିବା ଭଳି କାରଣ ନ ଥାଏ । ବରଂ, ଏଥିରେ ଆକ୍ରମଣକାରୀ ଭାଷାର ମାଧ୍ୟମକୁ ଉପଯୋଗ ନ କରିବାର ନିଷ୍ପତ୍ତି ନେଇଥାଆନ୍ତି, ଭାଷାର ସାମର୍ଥ୍ୟକୁ ନଜରଅନ୍ଦାଜ କରିଦିଅନ୍ତି । ଶଂସିତ ଘଟଣାରେ ଜୋତା କ୍ଷେପଣକାରୀ ହେଉଛନ୍ତି ସେହି ଅଦାଲତର ଜଣେ ବରିଷ୍ଠ ଓକିଲ ଯିଏ ନିଜ ପ୍ରତିବାଦକୁ ତାଙ୍କ ଯୁକ୍ତି ବା ଭାଷା ମାଧ୍ୟମରେ ମୁଖ୍ୟ ବିଚାରପତିଙ୍କ ସମ୍ମୁଖରେ ଅଧିକ ଦୃଢ଼ ଭାବେ ରଖି ପାରି ଥାଆନ୍ତେ ! କିନ୍ତୁ ସେ ତାହା ନ କରି ଏକ ଅସାର କ୍ଷେପଣାସ୍ତ୍ରର ଆଶ୍ରୟ ନେଲେ, ଯାହା ଦୁର୍ଭାଗ୍ୟପୂର୍ଣ୍ଣ !

## ରକ୍ତର ଫସଲ

ଯୁଦ୍ଧ ସହିତ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ରହି ୟୁରୋପ ୧୯୪୫ ମସିହାରେ ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ବେଳକୁ ଆମେରିକା ପ୍ରଭୂତ ଭାବେ ବିତ୍ତଶାଳୀ ହୋଇ ଉଠିଥିଲା, କେବଳ ଯାହା କିଛି ଆମେରିକୀୟ ସେ ?ନିକ ଓ ଯୁଦ୍ଧ ସରଂଜାମ ତହିଁରେ ବଳି ପଡ଼ିଥିଲେ । ଏହି କାରଣରୁ ଅନେକ ସମୟରେ ଯୁଦ୍ଧ ଲାଗି ପ୍ରଦର୍ଶିତ କାରଣ ଏବଂ ନିହିତ ପ୍ରକୃତ ଉଦ୍ଦେଶ୍ୟ ନେଇ ସଂଶୟ ଜାତ ହୋଇଥାଏ । ଗଲା ୭ ତାରିଖରେ ଗାଜା ପଟି ଉପ ?ର ଇସ୍ରାଏଲୀ ଆକ୍ରମଣକୁ ଦୁଇ ବର୍ଷ ପୂରିଛି ଏବଂ ଏକାଧିକ ଯୁଦ୍ଧ ବିରତି ଘୋଷଣାର ଛଳନା, ଭଙ୍ଗୁରତା ଓ ଅସାରତା ମଧ୍ୟ ଦେଇ କ୍ଳାନ୍ତିହୀନ ଇସ୍ରାଏଲୀ ବୋମା ମାଡ଼ରେ ଗାଜା ଚୂର୍ଣ୍ଣୀଭୂତ ହୋଇ ଚାଲିଛି । 'ନେଚର' ପତ୍ରିକାର ନିକଟରେ ପ୍ରକାଶିତ ଏକ ସଂସ୍କରଣ ଅନୁସାରେ ଗାଜାରେ ମୃତକଙ୍କ ସଂଖ୍ୟା ୮୪ ହଜାରରେ ପହଂଚିଲାଣି, ଯହିଁରେ କେବଳ ମହିଳା ଓ ଶିଶୁଙ୍କ ସଂଖ୍ୟା ହେଉଛି ୬୦ ପ୍ରତିଶତ । ଇତିମଧ୍ୟରେ ପୃଥିବୀର ବିଭିନ୍ନ ସ୍ଥାନରେ ଗାଜା ଆକ୍ରମଣକୁ ଏକ ଗଣହତ୍ୟା ବୋଲି ଅଭିହିତ କରି ବିପୁଳ ପ୍ରତିବାଦ ପ୍ରଦର୍ଶନ କରାଯାଉଥିବା ବେଳେ ଏବଂ ମୁଷ୍ଟିମେୟ ୟୁରୋପୀୟ ରାଷ୍ଟ୍ରଙ୍କ ସମେତ କେତେକ ରାଷ୍ଟ୍ର ପାଲେଷ୍ଟାଇନ ରାଷ୍ଟ୍ର ସତ୍ତାକୁ ସ୍ୱୀକୃତି ପ୍ରଦାନ କରିଥିବା ସତ୍ତ୍ୱେ ଆକ୍ରମଣରେ ବିରାମ ନ ଲାଗିବା ଅନେକଙ୍କ ସକାଶେ ବିସ୍ମୟକର ହୋଇଛି । କିନ୍ତୁ, ଯେଉଁମାନେ ରକ୍ତର ଫସଲ ଅମଳ କରିବାର ପ୍ରକରଣ ବାବଦରେ ସାମାନ୍ୟ ଧାରଣା ରଖନ୍ତି, ସେମାନେ ଜାଣନ୍ତି ଯେ ଯୁଦ୍ଧ ଅସରନ୍ତି ହେବାରେ ପୃଥିବୀର ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକର ରାଜକୋଷ ପୂର୍ଣ୍ଣ ହୋଇ ଚାଲିଥାଏ, ଯେଉଁ ସ୍ଥିତିରେ ଗାଜା ଭଳି ଏକ ସୀମାନ୍ତରିତ ଭୂଖଣ୍ଡର ଈଶ୍ୱର ପରିତ୍ୟକ୍ତ ଜନସମୂହର ଆର୍ତ୍ତ ଚିତ୍କାର ଗୁରୁତ୍ୱ ପାଇ ନ ଥାଏ । ତେବେ, ଏଭଳି ସମୟରେ ଜାତିସଂଘ ପକ୍ଷରୁ ଫ୍ରାନଚେସ୍କା ଆଲବେନିଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ଏକ ସୁବିସ୍ତୃତ ରିପୋର୍ଟ ଉପର ବର୍ଣ୍ଣିତ ରକ୍ତର ଫସଲରେ ଥିବା ଅମାପ ଲାଭକୁ ମାପିବାର ଉଦ୍ୟମ ଆଖି ଖୋଲି ଦେଲା ଭଳି ହୋଇଛି, ଯାହା ସମ୍ବନ୍ଧରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ହୋଇଥାଏ । ଇଟାଲୀୟ ଓକିଲ ଓ ମାନବିକ ଅଧିକାର କର୍ମୀ ଆଲବେନିଙ୍କ ରିପୋର୍ଟର ଶୀର୍ଷକ ହେଲା 'ଫ୍ରମ ଦ ଇକୋନୋମି ଅଫ ଅକୁପେସନ ଟୁ ଦ ଇକୋନୋମି ଅଫ ଜେନୋସାଇଡ୍ ?'(ଦଖଲର ଅର୍ଥନୀତିରୁ ଗଣହତ୍ୟାର ଅର୍ଥନୀତି ଯାଏ), ଯହିଁରେ ସେ ଏଭଳି ୪୮ଟି ଦେଶର ସରକାରୀ ଓ ଘରୋଇ କଂପାନିଙ୍କୁ ଠାବ କରିଛନ୍ତି, ଯେଉଁମାନେ ଏହି ଯୁଦ୍ଧରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲାଭ ଉଠାଇ ଚାଲିଛନ୍ତି । ଏହି କଂପାନିଗୁଡ଼ିକ ମଧ୍ୟରେ ଲକିଡ୍ ମାର୍ଟିନ ବା ଜେନେରାଲ ଡାଇନାମିକ୍ସ ଭଳି ଯୁଦ୍ଧାସ୍ତ୍ର ଓ ସାମରିକ ସରଂଜାମ ନିର୍ମାଣକାରୀ କଂପାନିଗୁଡ଼ିକ ଠାରୁ ଆରମ୍ଭ କରି ମାଇକ୍ରୋସଫ୍ଟ ବା ଆଇବିଏମ ବା ଗୁଗଲ ଭଳି ବିଶେଷ ପ୍ରଯୁକ୍ତି ଜ୍ଞାନର ଅଧିକାରୀ କଂପାନିଗୁଡ଼ିକ ଅନ୍ତର୍ଭୁକ୍ତ । ପ୍ରକାଶ ଥାଉ କି ୨୦୨୩ ମସିହା ଅକ୍ଟୋବର ୭ ତାରିଖର ଦୁଇ ମାସ ଭିତରେ ଅର୍ଥାତ୍ ଡିସେମ୍ବର ମାସ ସୁଦ୍ଧା ଆମେରିକା ଦ୍ୱାରା ପ୍ରେରିତ ୧୦ ହଜାର ଟନ୍ ଓଜନ ବିଶିଷ୍ଟ ସାମରିକ ସରଂଜାମ ୨୪୪ଟି ପଣ୍ୟବାହୀ ବିମାନ ଏବଂ ୨୦ଟି ଜାହାଜ ଦେଇ ଇସ୍ରାଏଲ ବନ୍ଦର ପହଁ ସାରିଥିଲା । ସେହି ରିପୋର୍ଟ କହିଛି କିଭଳି ଜୋ ବାଇଡେନ ସରକାରଙ୍କ ପକ୍ଷରୁ ଇସ୍ରାଏଲକୁ ମିଳିଥିବା ୧୪ ବିଲିଅନ ଡଲାରର ଆର୍ଥିକ ସହାୟତା ପଛରେ ଗୁନ୍ଥା ହୋଇଥିବା 'ଟ୍ୟାଗ'ରେ ସର୍ତ୍ତ ରହିଥିଲା ଯେ ସେହି ଅର୍ଥ ଯେମିତି ଆମେରିକାରୁ ଯୁଦ୍ଧାସ୍ତ୍ର ଖର୍ଦ୍ଦିରେ ଖର୍ଚ୍ଚ ହୁଏ । ପ୍ରକାଶ ଥାଉ କି ଏହି ଅର୍ଥର ଏକ ବଡ଼ ଅଂଶ ଇସ୍ରାଏଲ ପକ୍ଷରୁ ଏଫ-୩୫ ବିମାନ କ୍ରୟରେ ଲାଗିଥିଲା । ସେହିଭଳି ମାଇକ୍ରୋସଫ୍ଟ ବା ଗୁଗଲ ଭଳି କଂପାନି ଦ୍ୱାରା ସ୍ୱତନ୍ତ୍ର ଭାବେ ବିକଶିତ 'କୃତ୍ରିମ ବୁଦ୍ଧିମତ୍ତା' ଓ ଅନ୍ୟାନ୍ୟ ବିଶେଷ ପ୍ରଯୁକ୍ତି ଦ୍ୱାରା ଇସ୍ରାଏଲୀ ଯୁଦ୍ଧାସ୍ତ୍ର ନିର୍ମାଣକାରୀ କଂପାନି 'ଆଲବର୍ଟ ସିଷ୍ଟମସ' ଏବଂ 'ଇସ୍ରାଏଲ ଏରୋସ୍ପେସ କଂପାନି'(ପୃଥିବୀର ବୃହତ୍ତମ ଦଶଟି ଯୁଦ୍ଧାସ୍ତ୍ର ନିର୍ମାଣକାରୀ କଂପାନି ଭିତରେ ଗଣା) ଅତ୍ୟନ୍ତ ଫଳପ୍ରଦ ଓ ଅଧିକ ମାରକ କ୍ଷମତା ସଂପନ୍ନ ଡ୍ରୋନ ଏବଂ ହେକ୍ ?ସାକପ୍ ?ଟର ନିର୍ମାଣ କରିବାରେ ସମର୍ଥ କରିଛନ୍ତି, ଯେଉଁମାନଙ୍କ ଚମତ୍କାର ପ୍ରଦର୍ଶନ ଗାଜାର ପରୀକ୍ଷାଗାରରେ ସାବ୍ୟସ୍ତ ହେଉଛି । ରିପୋର୍ଟଟି କହିଛି ପୁଂଜି ନିବେଶ ହେଉ ବା ଡେଟା ଯୋଗାଣ ହେଉ ବା ମାନବ ସମ୍ବଳ ପ୍ରଦାନ ହେଉ; ଭିନ୍ନ ଭିନ୍ନ ବାଟରେ ଭାରତ, ଜାପାନ, ମାଲେସିଆ ଭଳି ଅନେକ ଦେଶର କଂପାନିମାନ କିଭଳି ଅତି ସୂକ୍ଷ୍ମ ଭାବରେ ହେଲେ ମଧ୍ୟ ଯୁଦ୍ଧ ସହିତ ସଂପୃକ୍ତ ଓ ତାହାର ଲାଭାର୍ଥୀ; ଅର୍ଥାତ୍ ? ମୁଖ୍ୟତଃ ନିରୀହଙ୍କ ରକ୍ତ କ୍ଷରଣକାରୀ ଏହି ନିଦାରୁଣ ଯୁଦ୍ଧ ତା'ର ବିଶାଳ ଆୟୋଜନରେ ଅନେକ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବାରେ ଲାଗିଛି । ଇତିହାସ ସାକ୍ଷ୍ୟ ଦିଏ କିଭଳି ଦ୍ୱିତୀୟ ମହାଯୁଦ୍ଧ ହେତୁ ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ସର୍ବାଧିକ ଶକ୍ତିଶାଳୀ ଓ ବିତ୍ତଶାଳୀ ରାଷ୍ଟ୍ରରେ ପରିଣତ ହୋଇଛି । ସେହି ଯୁଦ୍ଧରେ ଫାସିଷ୍ଟ ଜର୍ମାନି ଓ ତା'ର ପକ୍ଷଭୁକ୍ତ ରାଷ୍ଟ୍ରଙ୍କ ବିରୋଧରେ ଏକତ୍ର ହୋଇଥିବା ଗଣତନ୍ତ୍ରକାମୀ ୟୁରୋପୀୟ ରାଷ୍ଟ୍ର ଗୋଷ୍ଠୀକୁ ଯୁକ୍ତରାଷ୍ଟ୍ର ଆମେରିକାରୁ ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ସରଂଜାମ ବିକ୍ରୟ ସୂତ୍ରରେ ଯୋଗାଇ ଦିଆଯାଇଥିଲା । ଏହି କାରଣରୁ 'ଆର୍ସେନାଲ ଫର ଡେମୋକ୍ରାସି' ବା 'ଗଣତନ୍ତ୍ର ଲାଗି ଅସ୍ତ୍ରାଗାର' ଭାବେ ପରିଚିତ ହୋଇଥିବା ଆମେରିକା ୧୯୪୧ ମସିହାରୁ ୧୯୪୪ ମସିହା ମଧ୍ୟରେ ଯୁଦ୍ଧାସ୍ତ୍ର ଉଦ୍ୟୋଗରେ ଅକଳ୍ପନୀୟ ବିକାଶ ଦେଖିଥିଲା । ଯୁଦ୍ଧକାଳୀନ ଚାହିଦା ପୂରଣ ସକାଶେ ଏହି କାଳଖଣ୍ଡରେ ଆମେରିକାରେ ମୋଟର ଗାଡ଼ି କଂପାନିରୁ ଆରମ୍ଭ କରି ଦୈ ?ନନ୍ଦିନ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉତ୍ପାଦନ କରୁଥିବା କାରଖାନାଗୁଡ଼ିକ ପର୍ଯ୍ୟନ୍ତ ସଭିଏଁ ଗୁଳିଗୋଳା, ଲଢୁଆ ବିମାନ ଓ ଟ୍ୟାଙ୍କ ଆଦିର ଅବୟବ ଓ ଯନ୍ତ୍ରାଂଶ ନିର୍ମାଣ କରିବାରେ ବ୍ୟାପୃତ ରହିଥିଲେ । ଏହାର ଆକାର କିଭଳି ବିଶାଳ ଥିଲା ତାହା କେବଳ ଏତିକିରୁ ସ୍ୱଷ୍ଟ ହେବ ଯେ ଦ୍ୱିତୀୟ ମହାଯୁଦ୍ଧ ଲାଗି ଆମେରିକା ବିକ୍ରି କରିଥିଲା ୩ ଲକ୍ଷ ଯୁଦ୍ଧ ବିମାନ, ୯୦ ହଜାର ଟ୍ୟାଙ୍କ ଏବଂ ୪୦ ବିଲିଅନ ବୁଲେଟ୍ । ପ୍ରକାଶ ଥାଉ କି ଯୁଦ୍ଧ ଆରମ୍ଭ ହେବାର ମାତ୍ର ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୩୯ ମସିହାରେ ଆମେରିକୀ ଯୁଦ୍ଧାସ୍ତ୍ର ଉଦ୍ୟୋଗର ବାର୍ଷିକ କ୍ଷମତା ୩୦୦୦ ଯୁଦ୍ଧ ବିମାନ ମାତ୍ର ଉତ୍ପାଦନରେ ସୀମିତ ଥିଲା । ଯୁଦ୍ଧ ସହିତ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ରହି ୟୁରୋପ ୧୯୪୫ ମସିହାରେ ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ବେଳକୁ ଆମେରିକା ପ୍ରଭୂତ ଭାବେ ବିତ୍ତଶାଳୀ ହୋଇ ଉଠିଥିଲା, କେବଳ ଯାହା କିଛି ଆମେରିକୀୟ ସେ ?ନିକ ଓ ଯୁଦ୍ଧ ସରଂଜାମ ତହିଁରେ ବଳି ପଡ଼ିଥିଲେ । ଏହି କାରଣରୁ ଅନେକ ସମୟରେ ଯୁଦ୍ଧ ଲାଗି ପ୍ରଦର୍ଶିତ କାରଣ ଏବଂ ନିହିତ ପ୍ରକୃତ ଉଦ୍ଦେଶ୍ୟ ନେଇ ସଂଶୟ ଜାତ ହୋଇଥାଏ । ୧୯୯୧ ମସିହାରେ କୁଏତ ଉପରେ ଇରାକର ଆକ୍ରମଣ ପରେ ପ୍ରତିକ୍ରିୟ ସ୍ୱରୂପ ଆମେରିକାର ଆକ୍ରମଣରେ ଇରାକ ଏକ ପ୍ରକାର ବିଧ୍ୱସ୍ତ ହୋଇଯାଇଥିଲା । ତେବେ, ଏହି ସଂଦର୍ଭରେ କେତେକ ପର୍ଯ୍ୟବେକ୍ଷକ ଇଙ୍ଗିତ କରିଛନ୍ତି ଯେ ସେହି ସମୟରେ ଇସ୍ପାତର ଚାହିଦା ହ୍ରାସ ଓ ମୂଲ୍ୟରେ ତୀବ୍ର ସଂକୋଚନ ହେତୁ ୟୁରୋପୀୟ 'ଲବିଷ୍ଟ'ମାନଙ୍କ ଦ୍ୱାରା ଏହି ଆକ୍ରମଣର ପରିକଳ୍ପନା କରାଯାଇଥିଲା । କାରଣ ଇରାକର ପୁନଃ ନିର୍ମାଣ ଲାଗି ଇସ୍ପାତର ଚାହିଦାରେ ବୃଦ୍ଧି ଘଟି ତାହାର ମୂଲ୍ୟ ଉଚ୍ଚା ହୋଇଥିଲା । ରକ୍ତର ଫସଲରେ ସଫଳତା ପାଇଥିବା ପୋଖତ ଚାଷୀମାନେ ଏହି ଗୂଢ଼ କଥାଟି ବୁଝନ୍ତି । ରକ୍ତର ଫସଲରେ ମଧ୍ୟ କୀଟ ଲାଗନ୍ତି, ଯେମିତି ଏବେ ଏକ ପଙ୍ଗପାଳ ଦଳ ଭଳି ଗାଜା ତଟ ଦେଶରେ ଆବିର୍ଭୂତ ହେବାରେ ଲାଗିଛି 'ଫ୍ରିଡମ ଫ୍ଲୋଟିଲା' ବା 'ମୁକ୍ତି ନୌଭେଳା' ନାମ ବହନକାରୀ ନେକା ଯୂଥ । ଗଲା ଜୁଲାଇ ମାସରୁ ଏହି ନେ ?କା ଦଳ ଇଟାଲୀରୁ ବାହାରି ଲୋହିତ ସାଗର ଦେଇ ଗାଜାରେ ପହଂଚିବାକୁ ଚେଷ୍ଟିତ, ଯହିଁରେ ଅଛନ୍ତି ୨୫ଟି ଦେଶର ୧୪୫ ସରିକି ଡାକ୍ତର, ନର୍ସ, ସାମ୍ବାଦିକ, ସ୍ୱେଚ୍ଛାସେବୀ ଏବଂ ବୋଝେଇ ହୋଇଛି ଗାଜା ଦୁର୍ଗତଙ୍କ ଲାଗି ଖାଦ୍ୟ ଓ ଔଷଧ । ଏହା ପୂର୍ବରୁ 'ଗ୍ଲୋବାଲ ସୁମଦ ଫ୍ଲୋଟିଲା' ନାମକ ଆଉ ଏକ ସହାୟତା ପ୍ରଦାନକାରୀ ନେ ?କା ଦଳକୁ ଅଟକାଇ ତା'ର ୫୦୦ ସରିକି ଆରୋହୀଙ୍କୁ ଗିରଫ କରି ଜେଲରେ ପୂରାଇ ଦିଆଯାଇଛି ଏବଂ ସେମାନଙ୍କ ନିଜ ନିଜ ଦେଶକୁ ତଡ଼ି ଦିଆଯାଉଛି । ଏଭଳି ସତର୍କତା କାରଣରୁ ରକ୍ତର ଫସଲ କୀଟଦଂଷ୍ଟ ହେବାର ଆଶଙ୍କା ନାହିଁ । ସେବା, ଖାଦ୍ୟ ଓ ଔଷଧ ପହଂଚି ପାରୁନାହିଁ, କିନ୍ତୁ ଜାହାଜ ବୋଝେଇ ଯୁଦ୍ଧାସ୍ତ୍ର ଅନାୟାସରେ କୂଳରେ ପହଂଚି ପାରୁଛି; ଅର୍ଥାତ୍ ଛନଛନିଆ ରକ୍ତର ଫସଲ ଲାଗି ସାରର ମଧ୍ୟ ଅଭାବ ନାହିଁ ।

## ସତ କହୁଛି : ଭାରତରତ୍ନ

ଆଜିର ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ ଓ ଭାରତରତ୍ନ ବିଷୟ ଚର୍ଚ୍ଚାକୁ ଆସିଲେ ଗତକାଲିର ରାଜାରାଜୁଡ଼ା ସମୟର ବିଭିନ୍ନ ପଦ ଓ ଉପାଧି କଥା ମନେ ପଡ଼ିଥାଏ । ପୁରୀ ଗଜପତି ମହାରାଜା ରଣପୁରର ରାଜା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅତି ବିଶିଷ୍ଟ ଉପାଧି ଦେଇ 'ବିରାଧିବୀରବର ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର' ନାମରେ ଅଳଙ୍କୃତ କରିଥିଲେ । ଗଡ଼ଜାତ ରଣପୁର ରାଜା ମଧ୍ୟ ତାଙ୍କ ପ୍ରିୟ ବ୍ୟକ୍ତିମାନଙ୍କୁ ବିଭିନ୍ନ ଉପାଧିରେ ସମ୍ମାନିତ କରିଥିଲେ, ଯାହା ସେମାନେ ବଂଶାନୁକ୍ରମେ ସାଙ୍ଗିଆ ହିସାବରେ ବ୍ୟବହାର କରୁଥିଲେ । ଯଥା- ଶରତଚନ୍ଦ୍ର 'ଉତ୍ତରକବାଟ', ବୀରେନ୍ଦ୍ରନାଥ 'ଦକ୍ଷିଣକବାଟ', ରଘୁନାଥ 'ବାହୁବଳେନ୍ଦ୍ର', ଉଦୟନାଥ 'ମତ୍ତଗଜ ସିଂହ', ରାଜନ 'ବଳବନ୍ତରାୟ', ହରିହର 'ଛୁଆଳସିଂହ', ଅମୁକ 'ପାହାଡ଼ସିଂହ' ସମୁକ 'ବଳିଆରସିଂହ', ଢିଙ୍କି 'ରଣବିଜୁଳି' ଇତ୍ୟାଦି ଇତ୍ୟାଦି । ସେହି ସମୟରେ ବ୍ୟକ୍ତିମାନେ ଏହି ପଦଗୁଡ଼ିକ ତାଙ୍କ ନାମ ସହିତ ଯୋଡ଼ି ଗର୍ବରେ ଫାଟି ପଡୁଥିଲେ । 'ରାୟବାହାଦୁର' ଓ 'ରାଜବାହାଦୁର' ପରି କେତେଗୁଡ଼ିଏ ଉପାଧି ନାଁ ଆଗରେ ବ୍ୟବହାର କରୁଥିବାବେଳେ ଏସବୁ ବିଶେଷ ପଦଗୁଡ଼ିକ ନାଁ ପଛରେ ଯୋଡ଼ି ନାମକୁ ସୁନ୍ଦର ଭାବରେ ଅଳଙ୍କୃତ କରୁଥିଲେ । ବିଭିନ୍ନ ପଦପଦବିକୁ ନେଇ ନାମଗୁଡ଼ିକ ବେଳେବେଳେ ଏକ ସୁନ୍ଦର ଦୀର୍ଘକାୟ ରୂପ ଧାରଣ କରୁଥିଲା, ଯଥା- 'ଶ୍ରୀ ଶ୍ରୀ ଭ୍ରମରବର ଜଗବନ୍ଧୁ ବିଦ୍ୟାଧର ରାୟ ମହାପାତ୍ର' କିମ୍ବା 'ଶ୍ରୀ ଶ୍ରୀ ଉଦୟନାଥ ମତଗଜ ସିଂହ ଦଳବେହେରା ।' ଉପାଧି ସମ୍ମାନସୂଚକ ହୋଇଥିବା ବେଳେ ଅନେକ ଉପାଧି ଏମିତି ଥିଲା ଯାହା ଅପମାନସୂଚକ, କିନ୍ତୁ ରାଜାଙ୍କ ହୁକୁମରେ ଲୋକମାନେ ବାଧ୍ୟ ହୋଇ ବ୍ୟବହାର କରୁଥିଲେ । ଜୟପୁର ରାଜ୍ୟରେ କୌଣସି ବ୍ୟକ୍ତି ଜିଲାବି ମିଠା ଚୋରି କରିଥିବାରୁ ତାକୁ ତା'ର ନାମ ପଛପଟେ 'ଜିଲାବି ଚୋର' ପଦ ଯୋଡ଼ିବାକୁ ବାଧ୍ୟ କରାଯାଇଥିଲା ଏବଂ ତା'ର ଜମି ଓ ଘର କାଗଜପତ୍ର ସବୁ ସେହି ନାମକୁ ପରିବର୍ତ୍ତନ ହୋଇଯାଇଥିଲା । ଚଢ଼େଇ ମାରୁ ଥିବାରୁ 'ଚିଡ଼ିମା ?' ପଦ ବ୍ୟବହୃତ ହେଉଥିଲା । ଅନେକ ପୁରସ୍କାରକୁ ମଧ୍ୟ ସ୍ୱତନ୍ତ୍ର ଭାବରେ ନାମକରଣ ଦ୍ୱାରା ଗୋଟିଏ ଗୋଟିଏ ନିଷ୍ଠୁର ସତ୍ୟକୁ ଉପସ୍ଥାପନା କରାଯାଉଥିଲା । ବ୍ରିଟିସ ଶାସନ ସମୟରେ ଖୋର୍ଦ୍ଧାର ଦଳବେହେରାଙ୍କୁ ଧରେଇ ଦେଇ ଯେଉଁ ବ୍ୟକ୍ତି ନ'ଶହ ଅନେଶତ ବାଟି ଜମି ପୁରସ୍କାର ପାଇଥିଲେ ତା'ର ନାଁ ରଖାଯାଇଥିଲା 'ନମକହାରାମ୍ ଜାଗିର' । ଯେହେତୁ ବ୍ୟକ୍ତି ଜଣକ ଦଳବେହେରାଙ୍କ ବିଶ୍ୱସ୍ତ ହୋଇ ମଧ୍ୟ ନମକହାରାମି କରି ତାଙ୍କୁ ଧରେଇ ଦେଇଥିଲା, ସେ ପୁରସ୍କାରର ନାମ ହିଁ ତା'ର କୃତକର୍ମର ପରିଚୟ ଦେଇଥିଲା- 'ନମକହାରାମ୍ ଜାଗିର' । ଯାହାହେଉ ଦେଶ ସ୍ୱାଧୀନ ହେଲା ଆଉ ଏସବୁ ଉପାଧି, ପଦ, ପଦବି ପ୍ରାୟ ଉଠିଗଲା । ନାମକୁମାତ୍ର କେତେଗୁଡ଼ିଏ ସାଙ୍ଗିଆ କେବଳ ପୁରୁଷାନୁକ୍ରମେ ରହିଗଲା । ସେ ବି ପ୍ରାୟ ବିଲୁପ୍ତ ହେବା ଉପରେ । ଦେଶର ନୂଆ ସଂବିଧାନ ଅନୁଯାୟୀ ସବୁ ପୁରୁଣା ଉପାଧି, ପଦ, ପଦବି ବିସର୍ଜନ କରାଯାଇ ସରକାର ନୂଆ ବେସାମରିକ ଉପାଧି ଯଥା- ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଓ ଭାରତରତ୍ନ ଇତ୍ୟାଦି ଦେବାକୁ ସ୍ଥିର କଲେ । ୧୯୫୪ ମସିହାରେ ପ୍ରଥମଥର ପାଇଁ 'ଭାରତରତ୍ନ' ସମ୍ମାନର ଶୁଭ ଦିଆଗଲା । ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ସି. ରାଜଗୋପାଲଚାରୀ ଓ ସି. ଭି. ରମଣ ସର୍ବପ୍ରଥମେ ଏହି ଉପାଧିରେ ସମ୍ମାନିତ ହୋଇଥିଲେ । ମୋରାରଜୀ ଦେଶାଇଙ୍କ ଜନତା ସରକାର ଏହି ପଦ୍ମ ପୁରସ୍କାରଗୁଡ଼ିକ ରାଜନୈତିକ ଓ ଏଗୁଡ଼ିକର କୌଣସି ଆବଶ୍ୟକତା ନାହିଁ ବୋଲି କହି ବନ୍ଦ କରିଦେଇଥିଲେ କିନ୍ତୁ ୧୯୯୧ ମସିହାରେ ତାଙ୍କୁ ଯେତେବେଳେ ଭାରତରତ୍ନ ଉପାଧି ଯଚାଗଲା ତାକୁ ସେ ଆନନ୍ଦର ସହ ଗ୍ରହଣ କରିନେଇଥିଲେ । ଭାରତରତ୍ନ ସମ୍ମାନ ପ୍ରତ୍ୟାଖ୍ୟାନର ମଧ୍ୟ ଏକ ବିଶିଷ୍ଟ ଉଦାହରଣ ରହିଛି । ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଓ ଭାରତବର୍ଷର ପ୍ରଥମ ଶିକ୍ଷା ମନ୍ତ୍ରୀ ଅବୁଲ କାଲାମ ଆଜାଦ ଏକମାତ୍ର ବ୍ୟକ୍ତି ଯେ କି ସେ ବଂଚିଥିବା ସମୟରେ ଭାରତରତ୍ନ ସମ୍ମାନ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସରକାରରେ ଥାଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୌଣସି ସମ୍ମାନ ଗ୍ରହଣ କରିବାକୁ ତାଙ୍କ ବିବେକ ତାଙ୍କୁ ବାଧା ଦେଉଛି ବୋଲି ସେ କହିଥିଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ସୁସ୍ଥ ପଚାଂୟତ ସମ୍ପର୍କୀୟ ୩ ଦିନିଆ ତାଲିମ ଶିବିର ଉଦ୍‌ଯାପିତ



ସମ୍ବଲପୁର,୧୧/୧୦(ନି/ପ୍ର):ରକ୍ତହୀନତା, ଅପପୁଷ୍ଟି, ଯକ୍ଷ୍ମା ଓ ସ୍ୱଚ୍ଛତା ଭଳି ସମସ୍ୟା ପ୍ରଗତୀର ବାଧକ। ତେଣୁ ଏହାର ନିର୍ମୁଳ ପାଇଁ ବ୍ଲକ ସ୍ତରୀୟ ଏକ ୩ ଦିନିଆ ତାଲିମ ଶିବିର ଜୁଯୋମୁରା ବ୍ଲକ ସଭାକକ୍ଷରେ ଉଦଯାପିତ ହୋଇଯାଇଛି। ରକ୍ତହୀନତା, ଅପପୁଷ୍ଟି ଓ ଯକ୍ଷ୍ମା ମୁକ୍ତ ପଚାଂୟତ ଗଠନ ଓ ଏହି ସବୁ ଜାତୀୟ ଯୋଜନାରେ ବିଭିନ୍ନ ଶ୍ରେଣୀ ଓ ଗୋଷ୍ଠିଙ୍କୁ ସମ୍ପୃକ୍ତି କରାଇ ଏକ ସୁସ୍ଥ ପଚାଂୟତ ପାଇଁ ଏହି ୩ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ପଚାଂୟତିରାଜ, ମହିଳା ଓ ଶିଶୁ ବିକାଶ ସହିତ ସ୍ୱାସ୍ଥ୍ୟ ବିଭାଗ ର ମିଳିତ ସମ୍ମନ୍ୱୟ ମାଧ୍ୟମରେ ଏହାର ନିରାକାରଣ ପାଇଁ ବ୍ଲକର ସମସ୍ତ ସରପଚଂ, ବଛା ବଛା ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନୱାଡି କର୍ମୀ ମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଏବିଡ଼ିଓ ପ୍ରଜ୍ଞା ପାଣିଗ୍ରାହୀ ଓ ସିପି ଜଗତ ମୋହନ ପାଣିଗ୍ରାହୀ ପ୍ରତ୍ୟକ୍ଷ ଭାବେ ସଂଯୋଜନା କରିଥିବା ବେଳେ ମୁଖ୍ୟ ତାଲିମଦାତା ଭାବେ ଡା. ରାଜାରାମ ଷଡ଼ଙ୍ଗୀ ଓ ଡା. ବିଶ୍ୱଜିତ ପଣ୍ଡା ତାଲିମ ପ୍ରଦାନ କରିଥିଲେ। ସମ୍ମନ୍ୱୟ ଓ ସହଭାଗିତା ହିଁ ସମସ୍ୟାର ନିରାକରଣ ପାଇଁ ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ଏକ ସୁସ୍ଥ ପଚାଂୟତ ଗଠନ ପାଇଁ ରକ୍ତହୀନତା, ଅପପୁଷ୍ଟି ଓ ଯକ୍ଷ୍ମା ରୋଗର କାରଣ, ଲକ୍ଷଣ ଓ ନିରାକରଣ ସହିତ ଜାତୀୟ ଯୋଜନାର ପ୍ରୟୋଗ ଉପରେ ତାଲିମରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ମନ୍ୱୟ ମାଧ୍ୟମରେ ପରସ୍ପର ବିଭାଗୀୟ କାର୍ଯ୍ୟଶୈଳୀ ଓ ଦକ୍ଷତା ହିଁ ପରିଚୟ ତୋଲି ସଫଳତାର ବାଟ ଦେଖାଇଥାଏ ବୋଲି ଅଂଶଗ୍ରହଣକାରୀ ମାନେ ଶେଷରେ ନିଜର ମତ ରଖି ରକ୍ତହୀନତା ଅପପୁଷ୍ଟି ଓ ଯକ୍ଷ୍ମା ଭଳି ମାରାତ୍ମକ ଦିଗ ପ୍ରତି ଯତ୍ନଶୀଳ ହୋଇ ସୁସ୍ଥ ପଚାଂୟତ ଗଠନରେ ନିଜର ଭାଗିଦାରୀତାକୁ ଉପଲବ୍ଧି କରିଥିବା କହିଥିଲେ ଓ ଶେଷରେ ଏବିଡ଼ିଓ ଶ୍ରୀମତୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ତାଲିମ ଉଦଯାପିତ ଘୋଷଣା କରିଥିଲେ।

# ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ସମ୍ବଲପୁର,୧୧/୧୦(ନି/ପ୍ର): ଜିଲ୍ଲା ପ୍ରଶାସନ ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୁଲ୍ୟ ରେ ଶୁକ୍ରବାର ବାଲିବନ୍ଧା ସ୍ଥିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଓ ଥଇଥାନ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି । ଏହି ସମାବେଶ ରେ ଧନକଉଡ଼ା, ମାନେଶ୍ୱର, ଜୁଜୁମୁରା, ରେଢ଼ାଖୋଲ, ନାକଟିଦେଉଳ, କୁଚିଣ୍ଡା, ବାମରା,ଜମନକିରା ଓ ରେଙ୍ଗାଲି ବ୍ଲକ୍ ର ପ୍ରାୟ ୪ ଶହ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌର୍ଯ୍ୟ ଚନ୍ଦ୍ର ପାଣି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମାବେଶ ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଅଶୋକ କୁମାର ଭୋଇ ଯୋଗ ଦେଇ ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ଦୀପେନ କୁମାର ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ସମ୍ବଲପୁରୀ ସଙ୍ଗୀତ ସାଧକ ବିଭୁତି ଭୁଷଣ ପଟ୍ଟନାୟକ, ଧୀରେନ୍ଦ୍ର ମହାନ୍ତି ଓ ଗାୟକ ଦିଲିପ ବାଗ୍ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତି ରେ ବରିଷ୍ଠ ନାଗରିକ ତଥା ବୈଜେଷ୍ଠ ବ୍ୟକ୍ତି ମାନଙ୍କର ମାନସିକ, ସାମାଜିକ ଓ ଅର୍ଥନୈତିକ ସମସ୍ୟା ବିଷୟ ରେ ଆଲୋଚନା କରିଥିଲେ । ଏହି ଅବସର ରେ ବରିଷ୍ଠ ନାଗରିକ ପୁର୍ଣ୍ଣାନନ୍ଦ ଦାସ, ସୁଶୀଳା କୁମ୍ଭାର ଓ ନନ୍ଦିଘୋଷ ବେହେରା ଙ୍କୁ ମୁଖ୍ୟ ଅତିଥି ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ । ଜିଲ୍ଲା ଚିକିତ୍ସାଳୟ ର ବିଭିନ୍ନ ବିଶେଷଜ୍ଞ ମାନେ ପ୍ରାୟ ୩ ଶହ ଜଣ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସବୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଜଳଖିଆ ଓ ଭୋଜନ ର ବ୍ୟବସ୍ଥା କରାଯାଇଥିଲା । ରେଢ଼ାଖୋଲ ଉପଖଣ୍ଡ ର ସାମାଜିକ ସୁରକ୍ଷା ଅଧିକାରୀ ସୌରେନ୍ଦ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଓ ଭାଗ୍ୟଶ୍ରୀ ଭୋଇ ଙ୍କ ସହିତ ସମ୍ବଲପୁର ଜିଲ୍ଲା ର ସମସ୍ତ ବ୍ଲକ୍ ର ବିଏସ୍‌ଏସ୍‌ଓ ମାନେ ସହଯୋଗ କରିଥିଲେ ।

# କାମାକ୍ଷାନଗର-କଙ୍କଡ଼ାହାଡ଼ ରାସ୍ତାରେ ବାଘ ! ରାସ୍ତା ପାର ହେଉଥିବା ଦେଖିଲେ ଲୋକେ



କାମାକ୍ଷାନଗର,୧୧/୧୦(ନି/ପ୍ର): ଅନୁଗୁଳ ଛେଣ୍ଡିପଦାରୁ ଆସି ଢେଙ୍କାନାଳ ଜିଲ୍ଲାରେ ଘୁରି ବୁଲୁଛି ଛତିଶଗଡ଼ୀ ମହାବଳ। କାମାକ୍ଷାନଗର ଅଚଂଳରେ ଜଙ୍ଗଲରୁ ବାହାରି ରାସ୍ତା ପାର ହେଉଥିବା ବେଳେ ଗାଁଲୋକେ ବାଘକୁ ଦେଖିଥିବା କହିଛନ୍ତି। ଉକ୍ତ ଘଟଣା ଅପରାହ୍ନ ୨ଟାରୁ ଘଟିବା ପରେ ବନବିଭାଗକୁ ଖବର ଦିଆଯାଇଥିଲା। ମାତ୍ର ବନ ବିଭାଗ ସନ୍ଧ୍ୟା ସମୟରେ ଆସି ଅନୁଧ୍ୟାନ କରିବାରୁ ଉକ୍ତ ଅଚଂଳରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜିକୁ ତିନିରୁ ଚାରି ଦିନ ହେବ କାମାକ୍ଷାନଗର ଅଚଂଳରେ ବାଘ ଆତଙ୍କ ଦେଖିବାକୁ ମିଳିଛି। ମହାବଳ ପ୍ରଥମେ ମହାବିରୋଡ଼ ରେଞ୍ଜର ମଦରଙ୍ଗାମୁଣ୍ଡା ଗାଁରେ ଏକ ଗାଈକୁ ଘୋଷାଡ଼ି ନେଉଥିବା ସ୍ଥାନୀୟ ଲୋକ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବନବିଭାଗ ଓ ଉଦ୍ଧାରକାରୀ ଦଳ ପହଚିଂ ବାଘର ପାଦଚିହ୍ନ ମାପିବା ସହ ବାଘର ଗତିବିଧି ଉପରେ ନଜର ରଖିଥିଲେ। ମାତ୍ର ବନବିଭାଗକୁ ଚକ୍‌ମା ଦେଇ ମହାବଳ ମହାବିରୋଡ଼ ରେଞ୍ଜରୁ କାମାକ୍ଷାନଗର ପଶ୍ଚିମାଚଂଳ ରେଞ୍ଜ କାଦବସନ୍ତ ଗାଁରେ ଗାଈକୁ ଜଙ୍ଗଲ ଭିତରକୁ ଘୋଷାଡ଼ି ନେବା ସହ ଆତଙ୍କ ସୃଷ୍ଟି କରିଥିଲା।ତେବେ ଶୁକ୍ରବାର କାମାକ୍ଷାନଗର ସହରଠାରୁ ମାତ୍ର ୫ କିଲୋମିଟର ଦୂରରେ ଥିବା କଙ୍କଡ଼ାହାଡ଼ ପୂର୍ତ ବିଭାଗ ରାସ୍ତାର ଭାଲୁମୁଣ୍ଡା କାନପୁରା ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ବାଘକୁ ଦେଖିବାକୁ ମିଳିଛି। କିଛି ସ୍ଥାନୀୟ ଲୋକେ ଜଙ୍ଗଲ ନିକଟରେ ଭୋଜି କରୁଥିବା ବେଳେ ବାଘକୁ ଦେଖି ଭୟଭୀତ ହେବାସହ ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର ବନ ବିଭାଗ କର୍ମଚାରୀମାନେ ବହୁ ବିଳମ୍ବରେ ଘଟଣାସ୍ଥଳରେ ପହଚିଂବାରୁ ବାଘ ସେଠାରୁ ଚମ୍ପଟ୍ ମାରିଛି। ତେବେ ଜଙ୍ଗଲରୁ ବାହାରି ମହାବଳ ସହର ନିକଟବର୍ତୀ ଅଚଂଳକୁ ଆସିଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇଛନ୍ତି। ତେବେ ତୁରନ୍ତ ବନବିଭାଗ ବାଘକୁ କାବୁ କରିବାକୁ ଲୋକେ ଦାବି କରିଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀ ଛାୟାକାନ୍ତ ରାଉତ କହିଛନ୍ତି, ଜଙ୍ଗଲ ନିକଟରେ ଭୋଜି କରୁଥିବା ବେଳେ ବାଘକୁ ଦେଖିଲେ। ମହାବଳ ଲୋକଙ୍କୁ ଦେଖି ରାସ୍ତା ପାରି ହେଲାନାହିଁ ପୁଣି ସେହି ଜଙ୍ଗଲକୁ ଚାଲିଗଲା। କଳା ଆଉ ହଳଦିଆ ରଙ୍ଗର ବହୁତ ବଡ଼ ବାଘ ଥିବା କହିଛନ୍ତି। ଗତ ୨ଦିନ ହେଲାଣି କାମାକ୍ଷାନଗର ପଶ୍ଚିମାଚଂଳ ରେଞ୍ଜ ଅଚଂଳରେ ମହାବଳ ଘୁରି ବୁଲୁଥିବା ବେଳେ ବନ ବିଭାଗ ଟେର ପାଉ ନଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କାମାକ୍ଷାନଗର ପଶ୍ଚିମାଚଂଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ତେବେ ଗ୍ରାମାଚଂଳ ମୁହାଁ ମହାବଳ ଉପରେ ଉଚ୍ଚ ପଦସ୍ତ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଆଜିଯାଏ ବନ ବିଭାଗ କେବଳ ବାଘର ପାଦଚିହ୍ନ ମପାଚୁପରେ ବ୍ୟସ୍ତ ଥିବା ଅଭିଯୋଗ ହେଉଛି। ବାଘ ଅଚଂଳରେ ରହି ଆତଙ୍କ ସୃଷ୍ଟି କରୁଥିଲେ ମଧ୍ୟ ତାକୁ କିପରି କାବୁ କରାଯିବ ସେ ନେଇ କୌଣସି ଠୋସ୍ ଯୋଜନା ନଥିବା ସ୍ଥାନୀୟ ଲୋକ କହୁଛନ୍ତି।

# ବୁର୍ଲାରେ ତ୍ରିଦିବସୀୟ ବାଦୀ ପାଲା ଉତ୍ସବ ଉଦଘାଟିତ



ସମ୍ବଲପୁର,୧୧/୧୦(ନି/ପ୍ର): ଭାରତୀ କଳାବିକାଶ କେନ୍ଦ୍ର ବୁର୍ଲା ଆନୁକୁଲ୍ୟ ରେ ଭାରତୀ କ୍ଲବ୍ ପଡିଆ ଠାରେ ତ୍ରିଦିବସୀୟ ବାଦୀ ପାଲା ଉତ୍ସବ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଭାରତୀ କଳା ବିକାଶ କେନ୍ଦ୍ର ର ସଭାପତି ଇଂ ସୁଭ୍ରାଂଶୁ ଦ୍ୱିବେଦୀ ଙ୍କ ପରିଚାଳନା ରେ ଅନୁଷ୍ଠିତ ଉଦଘାଟନୀ ସଭାରେ ହୀରାକୁଦ ନଦୀ ବନ୍ଧ ଯୋଜନା ର ମୁଖ୍ୟଯନ୍ତ୍ରୀ ଇଂ ସୁଶୀଳ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବାଦୀପାଲା ସମାବେଶ କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଇଂ ସୁଧୀର କୁମାର ସାହୁ, ହେମନ୍ତ ମହାପାତ୍ର,ସମୀକ୍ଷକ ଡ଼ ଶ୍ୟାମସୁନ୍ଦର ଧର, ଡ଼ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଡ଼ ଶାକ୍ୟ ମୁନୀ ମେହେର, ରାମକୃଷ୍ଣ ରଥ, ଡ. ଦୀପେନ ପଟ୍ଟନାୟକ, ଲକ୍ଷ୍ମୀଧର ମହାନ୍ତି ଓ ରଶ୍ମିରଞ୍ଜନ ଶତପଥି ଯୋଗଦେଇଥିଲେ । ଅନୁଷ୍ଠାନ ର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ବାଦିପାଲା ସମାବେଶ ର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିବା ବେଳେ ପ୍ରମୋଦ କୁମାର ଦାଶ ସଂଯୋଜନା କରିଥିଲେ । ସଭା ପୂର୍ବରୁ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା । ପ୍ରଥମ ରଜନୀ ରେ ପଶ୍ଚିମ ସମ୍ରାଟ ରାଧେଶ୍ୟାମ ପଣ୍ଡା ଓ ପଶ୍ଚିମ କେଶରୀ ଅର୍ଜୁନ ଛତ୍ରିଆ ତଥା ସେମାନଙ୍କ ଦଳ ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ପ୍ରଣୟ ବଲ୍ଲରୀ ଉପରେ ଆଧାରିତ ବାଦୀ ପାଲା ପରିବେଷଣ କରିଥିଲେ । ୨ୟ ଦିନ ମାଗୁଣୀ ମେହେର ଓ ଦେବରାଜ ପଣ୍ଡା ତଥା ୩ୟ ଦିନ କମଳାକାନ୍ତ ନାୟକ ଓ ବା*।ନିଧି ପ୍ରଧାନ ବାଦୀପାଲା ପରିବେଷଣ କରିବେ ।

# ଅଟୋକୁ ପଛରୁ ଧକ୍କା ଦେଇ ପୁଲିସ ଗାଡି ଚମ୍ପଟ :

## ଅଟୋ ଚାଳକ ଗୁରୁତର, ଅଳ୍ପକେ ବର୍ତିଲେ ୨ ମହିଳା ଯାତ୍ରୀ



ଫିରିଙ୍ଗିଆ,୧୧/୧୦(ନି/ପ୍ର): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଅଚଂଳରେ ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା କଡ଼ରେ ଠିଆ ହେଇଥିବା ଅଟୋକୁ ପୁଲିସ ଗାଡି ପଛରୁ ଧକ୍କା ଦେଇ ଚମ୍ପଟ ମାରିଛି। ଉତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁସାରେ, ଫିରିଙ୍ଗିଆରୁ ସାରଙ୍ଗଡକୁ ଯାଉଥିବା (ଓଡି ୧୨ସି ୪୧୬୪)ଅଟୋଟି ଫୁଲବାଣୀ ବାଲିଗୁଡ଼ା ମୁଖ୍ୟ ରାସ୍ତା ଏସ ଏଚ ୧ ମାସିରିପଡା ଛକଠାରେ ଠିଆ ହୋଇଥିଲା । ଏହି ସମୟରେ ପୁଲିସ ଗାଡି ଦୃତ ଗତିରେ ଆସି ଅଟୋକୁ ପଛରୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଫଳରେ ଅଟୋଟି ରାସ୍ତାରୁ ପ୍ରାୟ ୩୦ ଫୁଟ ଖାଲର ଏକ ବିଲକୁ ଛିଟିକି ପଡିଛି। ଅଟୋ ଚାଳକ ସାରଙ୍ଗଡ ଅଚଂଳର କରୁଣା ନାଏକ ବୋଲି ଜଣାପଡ଼ିଛି ।ତାଙ୍କ ହାତ ଓ ଗୋଡ଼କୁ ମାଡ ହୋଇଛି । ଖବର ପାଇ ଫିରିଙ୍ଗିଆ ଅଗ୍ନି ସମ କର୍ମଚାରୀ ପହଚିଂ ଆହତଙ୍କୁ ଚିକିତ୍ସା ପାଇଁ ଫିରିଙ୍ଗିଆ ମେଡିକାଲ ଭର୍ତି କରାଯାଇଛି। ସୈଭାଗ୍ୟବଶତଃ ଅଟୋରେ ବସିଥିବା ଦୁଇ ମହିଳା ଯାତ୍ରୀ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ନ୍ଦି ଯାଇଛନ୍ତି। ଉତ୍ୟେକ୍ତ ଲୋକମାନେ ରାଜରାସ୍ତା ଅବରୋଧ କରିଛନ୍ତି। ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି।

# ସ୍ୱାଧୀନତା ସଂଗ୍ରାମୀ ଡ଼. ପ୍ରଭାବତୀ ଦେବୀଙ୍କ ୧୧୫ତମ ଜନ୍ମଜୟନ୍ତୀ

ସମ୍ବଲପୁର,୧୧/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ବରଗାଁ ପଂଚାୟତ ଅନ୍ତର୍ଗତ ଛଟାନପାଲି ସ୍ଥିତ ରୁକ୍ମିଣୀ ଲାଠ ବାଳନିକେତନ ପରିସରର ଆଜି ଏକ ଆଧ୍ୟାତ୍ମିକ ଓ ପ୍ରେରଣା ଦାୟକ ପରିବେଶ ସୃଷ୍ଟି ହୋଇଥିଲା । 'ସମର୍ପଣ' ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ବିଶିଷ୍ଟ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ଡ଼. ପ୍ରଭାବତୀ ଦେବୀଙ୍କ ୧୧୫ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭାବତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ପରେପରେ ଆଶ୍ରମ ପରିସରରେ ଅତିଥିଗଣ ଓ ଅନ୍ତେବାସୀଙ୍କ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଦର ଉପ-ଜିଲ୍ଲାପାଳ ଡ଼. ପୁଷ୍ପାଞ୍ଜଳୀ ପଣ୍ଡା, ଧମା ରେଞ୍ଜର ପ୍ରଶାନ୍ତ ସାହୁ, ବରିଷ୍ଠ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ସଦସ୍ୟ ଯଦୁମଣି କୁମ୍ଭାର, ବରଗାଁ ସରପଂଚ ପ୍ରଭାସିନୀ ହୋତା, ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ପ୍ରତାପ ରଞ୍ଜନ ସାହୁ, ମନୋରମା ସାହୁ, ଚିନ୍ମ ରଞ୍ଜନ ବାଘ, ବାଳ ନିକେତନର ପୂର୍ବତନ ଅନ୍ତେବାସୀ ଜଗବନ୍ଧୁ ବଢ଼େଇ, କଳିଙ୍ଗ କୁମ୍ଭାର, ସଂଜୀବ ଧରୁଆ, ରଞ୍ଜିତ ଦନ୍ତା, ସୁଶାନ୍ତ ବିଶ୍ୱାଳ ଆଶ୍ରମ ପରିଚାଳକ ହେମନ୍ତ ପଧାନ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମର ଉଦ୍ୟୋକ୍ତା ତଥା ସମର୍ପଣ ଅନୁଷ୍ଠାନର ମୁଖ୍ୟ ଦୀପକ ବିଶ୍ୱାଳ ଓ ଯୁବ ସମାଜସେବୀ ହେମସାଗର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ । ଶେଷରେ ସମସ୍ତ ଅତିଥି ଓ ଅନ୍ତେବାସୀମାନେ ଗଣପ୍ରସାଦ ସେବନ କରିବା ପରେ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା ।

# ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୧୧/୧୦(ନି/ପ୍ର): ଶୁକ୍ରବାର ସକାଳ ୮ଟା ସୁଦ୍ଧା ୫ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଥିବା ବେଳେ ପରେ ସ୍ଥିତିକୁ ଦେଖି ସକାଳ ୮ଟା ୪୫ ସୁଦ୍ଧା ୩ଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଫଳରେ ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ଓ ଡାହାଣ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସଂନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୯.୮୯ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୯୪ ହଜାର ୨୨୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୨ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୬୮ ହଜାର ୮୧୦ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୦୨.୦୧ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୦୪.୬୦ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

# ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦାବି

ସମ୍ବଲପୁର, ୧୧/୧୦(ନି/ପ୍ର): ୨୦୧୧ ଜନଗଣନା ଅନୁସାରେ ରାଜ୍ୟର ୨୬ ଲକ୍ଷ ୪୦ ହଜାର ଲୋକଙ୍କ ମାତୃଭାଷା ହେଉଛି ସମ୍ବଲପୁରୀ । ବେସରକାରୀ ହିସାବ ଅନୁସାରେ ଓଡିଶା ସମେତ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟରେ ମଧ୍ୟ ଦୁଇକୋଟି ଲୋକ ସମ୍ବଲପୁରୀ ଭାଷା ବ୍ୟବହାର କରୁଛନ୍ତି। ସେଥିପାଇଁ ଓଡ଼ିଶା ସରକାର ଅବିଳମ୍ବେ ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦିଅନ୍ତୁ। ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ଦେବା ପାଇଁ କେନ୍ଦ୍ର ସରକାରକୁ ପ୍ରସ୍ତାବ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବଲପୁରୀ ଭାଷାରେ ପାଠପଢ଼ା ବ୍ୟବସ୍ଥା କରନ୍ତୁ ବୋଲି ପଶ୍ଚିମାଂଚଳ ଏକତା ମଂଚ ଆହ୍ୱାନରେ ସୋମବାର ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ବିଭିନ୍ନ ସଙ୍ଗଠନର ମିଳିତ ବୈଠକରେ ଦାବି କରାଯାଇଛି। ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁରୀ ଭାଷା ଠାରୁ କମ୍ ଲୋକ ବ୍ୟବହାର କରୁଥିବା ଏବଂ କମ୍ ସମୃଦ୍ଧ ଭାଷା ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ ସୋଇସାରିଛନ୍ତି। ତେବେ ରାଜନୈତିକ ଅବହେଳା କାରଣରୁ ସମ୍ବଲପୁରୀ ଭାଷା ସାମ୍ବିଧାନିକ ମାନ୍ୟତା ରୁ ବଂଚିତ ରହିଥିବା ବୈଠକରେ ଅଭିଯୋଗ ହୋଇଥିଲା। ଏହାସହ ବୈଠକରେ ରାଜ୍ୟ ସଂସ୍କୃତି ମନ୍ତ୍ରୀସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ସମ୍ବଲପୁରୀ ଭାଷା ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ପାଇଁ କୌଣସି ଯୋଜନା ନଥିବା ନେଇ ଦେଇଥିବା ବକ୍ତବ୍ୟକୁ ନିନ୍ଦା କରାଯାଇଥିଲା। ରାଜ୍ୟ ସରକାର ଓଡ଼ିଶାର ଅସ୍ମିତା କଥା କହି ସରକାର କୁ ଆସିଥିବା ବେଳେ ସମ୍ବଲପୁରୀ ଭାଷା ପ୍ରତି ଉଦାସୀନତା ଦୁର୍ଭାଗ୍ୟଜନକ ବୋଲି ବୈଠକରେ କୁହାଯାଇଥିଲା। ଅବିଳମ୍ବେ ଏଥି ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବିକରାଯାଇଥିଲା। ବୈଠକରେ ପ୍ରଶିସନ ଏବଂ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ଗବେଷକ ଶଶାଙ୍କ ଶେଖର ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ଶୁଶିଲ ତ୍ରିପାଠୀ, ଶିବ ପ୍ରସାଦ ମେହେର, ମାନସ ଷଡ଼ଙ୍ଗୀ, ସୁବାସ ପାଣିଗ୍ରାହୀଙ୍କୁ ନେଇ ଏକ କମିଟି ଗଠନ କରାହେଇଥିଲା। ବୈଠକରେ କାଳିନ୍ଦୀ ପ୍ରତାପ ସିଂହ, ଅଜୟ ନାଥ, ଶଙ୍କର ବେହେରା, ତଫିଜୁଲ ହୁସେନ, ପ୍ରଫୁଲ୍ଲ ହୋତା, ସୁଶାନ୍ତ ବରାଇ, ରାମାନୁଜ ପଣ୍ଡା, ଲଳିତ ବେବର୍ତା, ରାଜେଶ ବେହେରା, କମଲ ଲୋଚନ ପଣ୍ଡା, ରାହୁଲ ଗୁପ୍ତା, ବାବୁଲା ଷଷ୍ଠ, ବାବଲୁ ବାଗ, , ସୁଷମା ପ୍ରଧାନ, ପଙ୍କଜିନୀ ମେହେର, ପ୍ରଭଞ୍ଜନ ପୁରୋହିତ, ରାଧେଶ୍ୟାମ ପ୍ରଧାନ, କୃଷ୍ଣଚନ୍ଦ୍ର ବାଗ, ସୁନିଲ୍ ସାଗର, ପ୍ରଦ୍ୟୁମ୍ନ ବିଶି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଡଃ ସ୍ୱୟଂ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଜିଲ୍ଲା ଚିକିତ୍ସାଳୟକୁ ବ୍ୟାଟେରୀ ଆମ୍ବୁଲାନ୍ସ ପ୍ରଦାନ

ଜୟପୁର, ୧୧/୧୦: ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଗର୍ଭବତୀ ମହିଳା ଓ ବରିଷ୍ଠ ନାଗରିକ ମାନେ ସୁବିଧାରେ ଯାତାୟତ କରିବା ନିମନ୍ତେ ସ୍ୱେଚ୍ଛାସେବୀ ସଞ୍ଜୟ କୁମାରେ ଜୈନଙ୍କ ପକ୍ଷରୁ ଜିଲ୍ଲା ଚିକିତ୍ସାଳୟକୁ ଏକ ବ୍ୟାଟେରୀ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ ଉପସ୍ଥିତ ରହି ଆନୁଷ୍ଠାନିକ ଉଦଘାଟନ କରି ଲୋକଙ୍କ ନିମନ୍ତେ ସମର୍ପଣ କରିଥିଲେ। ଏହି ବ୍ୟାଟେରି ଆମ୍ବୁଲାନ୍ସରେ ଜଣେ ରୋଗୀଙ୍କ ସହ ଅନ୍ୟ ୩ ଜଣ ସହଯୋଗୀ ବସି ଯାତାୟତ କରିପାରିବେ। ଜିଲ୍ଲା ଚିକିତ୍ସାଳୟରେ ବିଭିନ୍ନ ବିଭାଗ ଗୁଡିକୁ ଦୂର




# ରାଉରକେଲାର ବିକାଶ ସହ ପ୍ରଥମ ସ୍ତରୀୟ ସହରରେ ପରିଣତ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର

## ଜୟପ୍ରକାଶ ନାରାୟଣଙ୍କ ୧୨୪ତମ ଜୟନ୍ତୀରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ରାଉରକେଲା ୧୧/୧୦(ନି/ପ୍ର): ଓଡିଶାର ଦ୍ୱିତୀୟ ସ୍ମାର୍ଟ ସିଟି ରାଉରକେଲା ସହରର ବିକାଶ ସହିତ ଏହାକୁ ପ୍ରଥମ ସ୍ତରୀୟ ସହର ଭାବରେ ପରିଣତ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇ ବିର୍ସା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନରଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଉରକେଲା ସହରବାସୀଙ୍କ ଦୀର୍ଘଦିନର ଦାବିକୁ ଜୟପ୍ରକାଶ ନାରାୟଣଙ୍କ ୧୨୪ତମ ଜନ୍ମବାର୍ଷିକୀରେ ମିଳିତ ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ଆୟୋଜିତ କରାଯାଉଛି। ଏହି ପ୍ରଦର୍ଶନରେ ହିନ୍ଦ୍ ମଜଦୁର ସଭା, ସେଭ୍ ରାଉରକେଲା, ସଚେତନ ନାଗରିକ ମଂଚ, ରାଉରକେଲା ବିକାଶ ମଂଚ, ରାଉରକେଲା ଥିଙ୍କର୍ସ ଫୋରମ୍, ରାଉରକେଲା ନାଗରିକ ସୁରକ୍ଷା ମଂଚ, ରାଉରକେଲା ଜିଲ୍ଲା କାର୍ଯ୍ୟ କମିଟି, ରାଉରକେଲା ରେଳ ଏବଂ ରାସ୍ତା ବ୍ୟବହାରକାରୀ ମଂଚ ସହ ଅନ୍ୟାନ୍ୟ ସଂଗଠନ ଦ୍ୱାରା ମିଳିତ ଭାବରେ ଆୟୋଜିତ କରାଯାଇଛି। ମିଳିତ ମଂଚ ପକ୍ଷରୁ ଦାବି କରାଯାଇଛି ଯେ, ଲୋକସଭା ସାଂସଦ ଆସନ (ସଂରକ୍ଷିତ) ସହିତ ରାଉରକେଲାକୁ ଏକ ପୃଥକ ଜିଲ୍ଲା ଭାବରେ ମାନ୍ୟତା ପ୍ରଦାନ କରିବା। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ବାହ୍ୟ ରିଙ୍ଗ ରୋଡ୍ ଯଥାଶିଘ୍ର ଆରମ୍ଭ କରିବା, ବୃହନ୍ନର ରାଉରକେଲା ତଥା ମ୍ୟୁନିସିପାଲ୍ କର୍ପୋରେସନକୁ ପରିବର୍ଦ୍ଧିତ କରିବା। ରାଉରକେଲାର ପର୍ଯ୍ୟଟନ ଏବଂ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ପାଇଁ ଚିକାଗୋର ରିଭରୱାକ୍ ଦ୍ୱାରା ଅନୁପ୍ରାଣିତ ଶଙ୍ଖ, କୋଏଲ୍ ଏବଂ ବ୍ରାହ୍ମଣୀ ନଦୀକୂଳ ବିକାଶ କରିବା, ସ୍ୱାସ୍ଥ୍ୟସେବାର ଉନ୍ନତି ସହିତ ରାଉରକେଲାରେ ଇଏସ୍‌ଆଇସି (ରଝଓଉ) ମେଡିକାଲ କଲେଜ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା କରିବା, ରାଉରକେଲା ସରକାରୀ ଡାକ୍ତରଖାନା (ଜଏଏ)କୁ ମେଡିକାଲ କଲେଜ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବା। ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଆଣିବା ପାଇଁ ୨୦୨୫ ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ରାଉରକେଲା ବିମାନ ବନ୍ଦରକୁ ଫୋର ସି (୪ଉ) ଲାଇସେନ୍ସପ୍ରାପ୍ତ ବିମାନବନ୍ଦରର ମାନ୍ୟତା ଦେଇ କାର୍ଯ୍ୟ ଆରମ୍ଭ କରିବା ଏବଂ ବନ୍ଧମୁଣ୍ଡାରେ ବନ୍ଦେ ଭାରତ ରେଳ କୋଚ୍ କାରଖାନା ସହିତ ପୂର୍ବ ତଟ ରେଳପଥ ଅଧୀନରେ ରାଉରକେଲାକୁ ଅନ୍ତର୍ଭୁକ୍ତ କରି ରେଳ ଡିଭିଜନ ପ୍ରତିଷ୍ଠା କରିବା। ଶିକ୍ଷା ବ୍ୟବସ୍ଥାର ଉନ୍ନତି ଆଣିବା ରାଉରକେଲା ସରକାରୀ କଲେଜକୁ ଏକ ସାଧାରଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ସହିତ ରାଉରକେଲା ବିଶ୍ୱବିଦ୍ୟାଳୟ ଅଧୀନରେ ରାଉରକେଲା ଏବଂ ଏହାର ଆଖପାଖରେ ଥିବା ୧୪୦ରୁ କଲେଜକୁ ଏହା ଅଧିନରେ ରଖାଯିବାକୁ ଦାବି କରାଯାଇଛି। ଓଡିଶାର ରାଉରକେଲା ଏବଂ ବଣାଇଁ ସର୍ବାଧିକ ରାଜସ୍ୱ ଦେଉଥିବା ମଧ୍ୟରୁ ଅନ୍ୟତମ। ତଥାପି, ଗତ ବଜେଟରେ ରାଉରକେଲାର ବିକାଶ ପାଇଁ ଗୋଟିଏ ଟଙ୍କା ମଧ୍ୟ ବ୍ୟୟବରାଦ କରାଯାଇ ନଥିଲା। ଯଦି ଆମର ଦାବି ପୂରଣ ନହୁଏ, ତେବେ ଆମେ ରାଉରକେଲା ଏବଂ ବଣାଇଁକୁ କେନ୍ଦ୍ରଶାସିତ ଅଂଚଳ ଭାବରେ ଘୋଷଣା କରାଯିବାକୁ ଦାବି ଉପସ୍ଥାପନା କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆଜି ଜୟପ୍ରକାଶ ନାରାୟଣଙ୍କ ୧୨୪ତମ ଜୟନ୍ତୀ ଅବସରରେ ବିର୍ସା ଛକ ଠାରେ ଆୟୋଜିତ ବିଭିନ୍ନ ସଂଗଠନ ପକ୍ଷରୁ ଏହି ବିକ୍ଷୋଭରେ ହିନ୍ଦ୍ ମଜଦୁର ସଭାର ସମ୍ପାଦକ ଦିଗମ୍ବର ମହାନ୍ତି, ରାଉରକେଲା ବିକାଶ ମଂଚର ସୁମନ ଦତ, ଆର୍ତ ମହାରଣା, ଥିଙ୍କର୍ସ ଫୋରମର ନଳିନୀକାନ୍ତ ଧର, ବିଜୁ ଜନତା ଦଳ ସଭାପତି ଗଗନ ପଣ୍ଡା, କଂଗ୍ରେସର ନଚିକେତା ମହାପାତ୍ର, ଆଇନଜୀବୀ ନିରଞ୍ଜନ ଦାସ, ସାଗର ସେଠୀ, ଏଚ୍ କେ ନାଏକ, ସୁବର୍ଣ୍ଣରେଖା ପକ୍ଷରୁ ମନୋରଞ୍ଜନ ଦାସ, ବୀରେନ ସେନାପତି, ସଞ୍ଜୟ ଠାକୁର, ଜ୍ୟୋତି ରଂଜନ ମହାନ୍ତି, ଉମେଶ ଚନ୍ଦ୍ର ମଲ୍ଲିକ, ଆର୍ କେ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ଥିଲେ।

# ବୋମା ବିସ୍ଫୋରଣରେ ଆହତ ୨ ଗୁରୁତର ଯବାନଙ୍କୁ ଏୟାରଲିଫ୍ଟ




ରାଉରକେଲା,୧୧/୧୦(ନି/ପ୍ର): ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗତକାଲି ନକ୍ସଲଙ୍କ ଲ୍ୟାଣ୍ଡ ମାଇନ୍ସ ବିସ୍ଫୋରଣରେ ଆହତ ହୋଇଥିବା ଦୁଇ ଜଣ ସିଆରପିଏଫ୍ ଯବାନଙ୍କୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ନିଆ ଯାଇଛି। ଦିଲ୍ଲୀ ଏମ୍ସ ରେ ସେମାନଙ୍କ ଚିକିତ୍ସା ହେବା ନେଇ ସୂଚନା ମିଳିଛି। ଶୁକ୍ରବାର ସନ୍ଧ୍ୟାରେ ଲ୍ୟାଣ୍ଡ ମାଇନ୍ସ ବିସ୍ଫୋରଣରେ ଜଣେ ସିଆରପିଏଫ୍ ଅଧିକାରୀଙ୍କ ସମେତ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସେମାନଙ୍କୁ ରାଉରକେଲା ଆପୋଲୋ ହସ୍ପିଟାଲ୍ ରେ ଗତକାଲି ଭର୍ତି କରା ଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଜଣେ ଯବାନ ଙ୍କ ମୃତ୍ୟୁ ହୋଇ ଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଥିଲେ। ଗୁରୁତର ଦୁଇ ସିଆରପିଏଫ୍ ଅଧିକାରୀଙ୍କୁ ଆଜି ଏଆର୍ ଆମ୍ବୁଲାନ୍ସ ଯୋଗେ ଅଧିକ ଚିକିତ୍ସା ଲାଗି ଦିଲ୍ଲୀ ନିଆ ଯାଇଛି। ଏହା ପରେ ପରେ ଓଡ଼ିଶା – ଝାଡ଼ଖଣ୍ଡ ସୀମାନ୍ତରେ କୁମ୍ବିଂ ଅପରେସନ ଜୋରଦାର କରାଯିବା ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରା ଯାଇଛି। ପର୍ଶ୍ଚିମାଂଚଳ ଡିଆଇଜି ବ୍ରିଜେଶ ରାଏ , ରାଉରକେଲା ଏସପି ନୀତେଶ ୱାଧୱାନି ଆଜି ଆପୋଲୋ ହସ୍ପିଟାଲ୍ ରେ ପହଚିଂ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିଥିଲେ।

# କକାଙ୍କୁ ହତ୍ୟା କଲା ପୁତୁରା, ଅଭିଯୁକ୍ତ ଗିରଫ



ସୁନ୍ଦରଗଡ଼,୧୧/୧୦(ନି/ପ୍ର): ଗତକାଲି ରାତିରେ ସଦର ଥାନା କିରେଇ ପଚାଂୟତ କାର୍ଯ୍ୟାଳୟ ନିକଟ ରାସ୍ତାକଡ଼ରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲା ପୁଲିସ। ମୃତକଙ୍କ ପରିଚୟ ମିଳିଛି। ସେ କିରେଇର ସଚିନ୍ଦ୍ର ନାଏକ। ତାଙ୍କୁ ନିଜ ପୁତୁରା ବିଶାଳ ନାଏକ ହାତର ବଳା ଓ ବାଉଁଶରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଘରୋଇ କଳହ ଯୋଗୁଁ କକାକୁ ହତ୍ୟାକାଣ୍ଡ ଘଟାଇ ଫେରାର ହେବାକୁ ଚେଷ୍ଟା କରୁଥିବା ପୁତୁରାକୁ ଗିରଫ କରିଛି ସଦର ଥାନା ପୁଲିସ। ପୁତୁରାର ମା ଅର୍ଥାତ ଭାଉଜଙ୍କୁ ପତ୍ନୀ ଭାବେ ରଖିଥିଲା ମୃତକ ସଚିନ୍ଦ୍ର ନାଏକ। ତେବେ ମଦ ପିଇ ସବୁବେଳେ ଭାଉଜ ପତ୍ନୀଙ୍କୁ ମାରଧର କରୁଥିଲା। ଏପରିକି ପୁତୁରାକୁ ବି ପିଟୁଥିଲା। ଏଥିରେ ରାଗ ଥିଲା ପୁତୁରାର। ଗତକାଲି ରାତିରେ ଦୁହେଁ ବସି ମଦ ପିଇଥିଲେ। ନିଶା ଚଢ଼ିବା ପରେ କକା ଓ ପୁତୁରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉନ୍ମତ୍ତ ପୁତୁରା ହଠାତ୍ ହାତର ବଳା ଓ ବାଉଁଶ ବାଡ଼ିରେ କାକାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିବା ସୂଚନା ମିଳିଛି। ଘରୋଇ କଳହ ଯୋଗୁଁ କକାକୁ ହତ୍ୟାକାଣ୍ଡ ଘଟାଇ ଫେରାର ହେବାକୁ ଚେଷ୍ଟା କରୁଥିବା ପୁତୁରାକୁ ଗିରଫ କରିଛି ସଦର ଥାନା ପୁଲିସ। ପୁତୁରାର ମା ଅର୍ଥାତ ଭାଉଜଙ୍କୁ ପତ୍ନୀ ଭାବେ ରଖିଥିଲା ମୃତକ। ତେବେ ମଦ ପିଇ ସବୁବେଳେ ଭାଉଜ ପତ୍ନୀଙ୍କୁ ମାରଧର କରୁଥିଲା। ଏପରିକି ପୁତୁରାକୁ ବି ପିଟୁଥିଲା। ଏଥିରେ ରାଗ ଥିଲା ପୁତୁରାର। ଗତକାଲି ରାତିରେ ଦୁହେଁ ବସି ମଦ ପିଇଥିଲେ। ନିଶା ଚଢ଼ିବା ପରେ କକା ଓ ପୁତୁରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉନ୍ମତ୍ତ ପୁତୁରା ହଠାତ୍ ହାତର ବଳା ଓ ବାଉଁଶ ବାଡ଼ିରେ କାକାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିବା ସୂଚନା ମିଳିଛି।

# ବିଶ୍ୱ ଅଣ୍ଡା ଦିବସ ପାଳନ

କେନ୍ଦ୍ରାପଡ଼ା,୧୧/୧୦(ନି/ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ପାଳନ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ମନୋଜ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ, ଅଣ୍ଡାର ବିଭିନ୍ନ ମାନ ସଂପର୍କରେ ଅଲୋକପାତ କରିଥିଲେ। ବିଶ୍ୱରେ ଭାରତ ଅଣ୍ଡା ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର

# ଆମ୍ ଆଦମୀ ପାର୍ଟିର ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ମିଳନୀ



ରାଉରକେଲା,୧୧/୧୦(ନି/ପ୍ର): ଆଜି ରାଉରକେଲା ସହରରେ ହନୁମାନ ବାଟିକା ଠାରେ ଆମ୍ ଆଦମୀ ପାର୍ଟିର ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ମିଳନୀ - ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ମିଳନୀ - ୨୦୨୫ରେ ଆମ୍ ଆଦମୀ ପାର୍ଟିର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର ଯୋଗଦେଇ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ଆମ୍ ଆଦମୀ ପାର୍ଟିର ଆଦିବାସୀ ମୋର୍ଚ୍ଚା ଲମ୍ବା ସମୟରୁ ସଂଗଠନ ନିର୍ମାଣ ପାଇଁ କାମ କରିଆସୁଛି। ଆଜି ରାଉରକେଲା ଠାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଂଗଠନିକ ମୁଖ୍ୟମାନେ ଆଦିବାସୀ ମୋର୍ଚ୍ଚାକୁ ମଜବୁତ କରିବା ପାଇଁ ତଥା ଆଦିବାସୀଙ୍କ ଦୀର୍ଘ ଦିନର ଦାବିକୁ ଆମ୍ ଆଦମୀ ପାର୍ଟି ପୂର୍ଣ୍ଣ ପ୍ରତିଶ୍ରୁତି ଦେଉଛି କାର୍ଯ୍ୟକାରୀ କରିବା ପାଇଁ। ଯେପରି ପେସା ଆକ୍ଟ ଆଇନ୍ ହୋଇଛି କିନ୍ତୁ କାର୍ଯ୍ୟକାରୀ କରାଯାଇ ନାହିଁ। ଏହାଦ୍ୱାରା ଆଦିବାସୀମାନଙ୍କ ଜମି ଯାଉଛି, ଜଙ୍ଗଲ ଯାଉଛି ଏବଂ ଯେତେବେଳେ ଆଦିବାସୀଙ୍କ ଅଧିକାର କଥା ଆସୁଛି, ସରକାର ଏହାକୁ ଅଣଦେଖା କରୁଛନ୍ତି। ସମସ୍ତ ସ୍ଥାନରେ ବିସ୍ଥାପନ ସମସ୍ୟା ଠାରୁ ଆରମ୍ଭ କରି ଜଙ୍ଗଲଜାତ ଦ୍ରବ୍ୟ ପର୍ଯ୍ୟନ୍ତ ସବୁଥିରେ ଆଦିବାସୀଙ୍କୁ ଲଢେଇ କରିବାକୁ ପଡୁଛି। ଆମ୍ ଆଦମୀ ପାର୍ଟି ଆଦିବାସୀ ମୋର୍ଚ୍ଚା ମାଧ୍ୟମରେ ସମସ୍ତ ଜିଲ୍ଲାର ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଉଛି ଆଦିବାସୀଙ୍କର ଖଣି, ପାଣି, ଜଙ୍ଗଲ ଉପରେ ଅଧିକାରର ନିଷ୍ପତ୍ତି ଉପରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ସେମାନଙ୍କ ଲଢେଇରେ ସାମିଲ ହେବ। ଆଜି ଆମ୍ ଆଦମୀ ପାର୍ଟି ପକ୍ଷରୁ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ମିଳନୀ-୨୦୨୫ରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ସମେତ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ମେଘନାଥ ମାଝୀ, ରାଜ୍ୟ ସଂଗଠନ ସମ୍ପାଦକ ଭରତ ଦାସ, ଆମ୍ ଆଦମୀ ପାର୍ଟିର ରାଜ୍ୟ ମହିଳା ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ଆମ୍ ଆଦମୀ ପାର୍ଟିର ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଲାଲମଣି ଲୁଗୁନ୍, ରାଜ୍ୟ ସଂଗଠନ ସଚିବ ସନ୍ଦୀପ ଦାସ, ଆମ୍ ଆଦମୀ ପାର୍ଟିର ରାଜ୍ୟ ଯୁବ ସଭାପତି ରୁଚି ରୁଦ୍ରରଥ, ରାଜ୍ୟ ସଂଗଠନ ସମ୍ପାଦକ ଭବାନୀ ପ୍ରସାଦ ସାହୁ, କଲ୍ୟାଣ ଆନନ୍ଦ, ରାଜ୍ୟ ସଂଗଠନ ସମ୍ପାଦକ କଲ୍ୟାଣ ଆନନ୍ଦ, ଆମ୍ ଆଦମୀ ପାର୍ଟିର ସୁନ୍ଦରଗଡ ଲୋକସଭା ପ୍ରମୁଖ ବିନୟ ତିୱାରୀ, ଆମ୍ ଆଦମୀ ପାର୍ଟିର ବଲାଙ୍ଗୀର ଜିଲ୍ଲା ସଭାପତି ଆଶିଷ ପାଣ୍ଡେଙ୍କ ସହ ଆମ୍ ଆଦମୀ ପାର୍ଟିର ବହୁ ସଂଖ୍ୟକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ସେଲ୍ ଆରଏସପିର ଇନ୍ଦିରା ଗାନ୍ଧୀ ପାର୍କ ଏବଂ ଚିଡ଼ିଆଖାନାରେ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଉଦ୍‌ଯାପିତ





ରାଉରକେଲା,୧୧/୧୦(ନି/ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନାର ଇନ୍ଦିରା ଗାନ୍ଧୀ ପାର୍କ ଚିଡ଼ିଆଖାନାରେ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅକ୍ଟୋବର ୮ ତାରିଖରେ ଉଦଯାପିତ ହୋଇଯାଇଛି। ବନ୍ୟପ୍ରାଣୀ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ପାର୍କର ବ୍ୟାଖ୍ୟାନ କେନ୍ଦ୍ରରେ ଆୟୋଜିତ ଉଦଯାପନୀ ସମାରୋହରେ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋ ଏବଂ ଉଦ୍ୟାନ କୃଷି ବିଭାଗର ଜିଏମ ତଥା ଜେଡ଼ଡ଼ିପି ଇନ ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ ମଚାଂସୀନ ଥିଲେ। ଉତ୍ସବରେ କାରଖାନାର ଅନେକ ବରିଷ୍ଠ ଅଧିକାରୀ, ପରିବେଶ ପ୍ରେମୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ବନ୍ୟପ୍ରାଣୀଙ୍କୁ ବୁଝିବା, ପ୍ରଭାବଶାଳୀ ସଂରକ୍ଷଣ ଅଭ୍ୟାସ ଗ୍ରହଣ କରିବା ଏବଂ ବିଲୁପ୍ତପ୍ରାୟ ପ୍ରଜାତିକୁ ସୁରକ୍ଷା ଦେବାରେ ଚିଡ଼ିଆଖାନାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଜୋଜୋ ସମସ୍ତଙ୍କୁ, ବିଶେଷକରି ଯୁବ ପିଢ଼ିଙ୍କୁ, ବନ୍ୟପ୍ରାଣୀ ସଂରକ୍ଷଣ ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ପରିବେଶ ପ୍ରତି ଗଭୀର ଦାୟିତ୍ୱବୋଧ ବିକଶିତ କରିବାକୁ ଉତ୍ସାହିତ କରିଥିଲେ। ଏହି ସପ୍ତାହ ପାଳନ ପାଇଁ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଶ୍ରୀ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ, ଉଦ୍ୟାନ ବିଭାଗ ଦ୍ୱାରା ସଚେତନତା ଅଭିଯାନ, ଛାତ୍ରଛାତ୍ରୀମାନଙ୍କ ପାଇଁ ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତା ଏବଂ ସପ୍ତାହ ମଧ୍ୟରେ ଚିଡ଼ିଆଖାନାର ମାର୍ଗଦର୍ଶିତ ପରିଦର୍ଶନ ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକଳାପଗୁଡ଼ିକ ଯୁବପିଢ଼ିଙ୍କୁ ଜଡ଼ିତ କରିବା ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସାମୂହିକ ପ୍ରୟାସକୁ ପ୍ରେରଣା ଦେବା ପାଇଁ ଡିଜାଇନ୍ କରାଯାଇଥିଲା। ଉଦ୍ୟାନକୃଷି ବିଭାଗର ଏଜିଏମ ତଥା କ୍ୟୁରେଟର ଏବଂ ଜୀବବିଜ୍ଞାନୀ ଡକ୍ଟର ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଲଭ, ଆକ୍ସନ ଓ କମେଡିକୁ ନେଇ ଓଡ଼ିଶାରେ ପ୍ରଥମ ସାଦରି ଭାଷା ଫିଲ୍ମ



ରାଜଗାଙ୍ଗପୁର,୧୧/୧୦(ନି/ପ୍ର): ଜାଟେ ଷ୍ଟାଇଲ ଫିଲ୍ମ ର ପ୍ରଥମ ସାଦରି ଭାଷା ରେ ଫିଲ୍ମ ଲୋକାଲ ହିରୋ ବହୁ ଲୋକପ୍ରିୟତା ସାଉଁଟିଛି। ଓଡିଶା ର ସୁନ୍ଦରଗଡ଼ ଓ ଝାରଖଣ୍ଡର ରାଂଚ ଅଂଚଳରେ ଏହି ସୁଟିଂ ହୋଇଛି। ଫିଲ୍ମ ରିଲିଜ ର ଶେଷ ପର୍ଯ୍ୟାୟରେ ପହଚିଂଛି ଲୋକାଲ ହିରୋ। ଲଭ,ଆକ୍ସନ ଓ କମେଡି କୁ ନେଇ ଏହି ଫିଲ୍ମ ତିଆରି ହୋଇଛି। ଆଦିବାସୀ ମାନଙ୍କ ଜଳ,ଜଙ୍ଗଲ ଓ ଜମି କୁ କିପରି ଶିଳ୍ପଅନୁଷ୍ଠାନ ମାନେ ବୋକା ବନେଇକି ନେଇଯାଉଛନ୍ତି। ଆଦିବାସୀ ମାନେ ନିଜ ଅଧିକାର କୁ ଜାଣି ପାରୁନାହାନ୍ତି। କଳା ପ୍ରତିଭା କୁ କିପରି ଆଗକୁ ବଢିବ। ଏହି ଫିଲ୍ମ ରେ ଦେଖା ଯାଇଛି। ଓଡିଶା, ଝାରଖଣ୍ଡ, ଛତିଶଗଡ଼, ୱେଷ୍ଟବେଙ୍ଗଲ ଓ ଆସାମ ରାଜ୍ୟରେ ରିଲିଜ କରିବାକୁ ପ୍ରଯୋଜନା ସଂସ୍ଥା ଲକ୍ଷ୍ୟ ରଖିଛି। ଓଡିଶା ରେ ସାଦରି ଭାଷା ରେ ଏହା ପ୍ରଥମ ଫିଲ୍ମ। ୫୦ ଲକ୍ଷ ବ୍ୟୟ ରେ ଏହି ଫିଲ୍ମ ତିଆରି ହୋଇଛି। ରାଜସ୍ଥାନ ରାଜ୍ୟ ର ନାୟିକା ଏଥିରେ ଅଛନ୍ତି। ୨.୨୧ ସମୟରେ ଏହି ଫିଲ୍ମ ତିଆରି କରାଯାଇଛି। ପ୍ରଯୋଜକ ଅନୀଲ ଜାଟେ ଏହି ଫିଲ୍ମ ସଫଳ ହେବା ନେଇ ବହୁ ଆଶା ରଖିଛନ୍ତି। ସୁନ୍ଦରଗଡ଼ ର ବହୁ କଳାକାର ମାନଙ୍କୁ ଏହି ଫିଲ୍ମ ରେ ଅଭିନୟ କରୁଥିବାର ଦେଖିବାକୁ ମିଳିବ। ଏହା ଛଡା ମୁମ୍ବାଇ, ଛତିଶଗଡ଼,ରାଜସ୍ଥାନ ଆଦି ରାଜ୍ୟ ର କଳା କାର ଙ୍କୁ ଲୋକାଲ ହିରୋ ଫିଲ୍ମ ରେ ଦେଖିବାକୁ ମିଳିବ। ଏନେଇ ସ୍ଥାନୀୟ ଏକ ହୋଟେଲ ରେ ଲୋକାଲ ହିରୋ ର ଏକ ଟିମ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ରଖାଯାଇଥିଲା। ଏଥିରେ ହିରୋ ସ୍ୱୀକାର ମୁଣ୍ଡାରୀ, ପ୍ରଯୋଜକ ଅନୀଲ ଜାଟେ, ମ୍ୟାନେଜର ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱୀକାର ମୁଣ୍ଡାରୀଙ୍କ ଦ୍ୱିତୀୟ ଫିଲ୍ମ । ଏହା ଏବେ ୟୁଟୁବ ରେ ରିଲିଜ କରଯାଇଛି। ବହୁତ ଜଲଦି ହଲରେ ରିଲିଜ କରାଜୀବ ବୋଲି ପ୍ରଯୋଜକ ଅନୀଲ ଜାଟେ କହିଥିଲେ।

# ବାଇକକୁ ଦକ୍କା ଦେଲା ଟ୍ରକ: ବାଇକ ଚାଳକ ମୃତ: ୨ ଆହତ

ଧର୍ମଶାଳା,୧୧/୧୦(ନି/ପ୍ର): ଯାଜପୁର ଜିଲା ଚଣ୍ଡିଖୋଲ-ଡୁବରୀ ୫୩ ନମ୍ବର ଜାତୀୟ ରାଜପଥ ଚଢେଇଧରା କଲେଜଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣ। ଏକ ବାଇକକୁ ଧକ୍କା ଦେଲା ବାଉଁଶ ବୋଝେଇ ଟ୍ରକ। ଫଳରେ ଘଟଣାସ୍ଥଳରେ ବାଇକ ଚାଳକର ମଅତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗୁରୁତରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ମୃତକ ଜଣକ ହେଲେ ବଡଚଣା ବ୍ଲକ ଛଡିଆ ଚମ୍ପାପୁର ଅଂଚଳର ଅଲେଖ ଦଳାଇ ବୋଲି ଜଣାପଡିଛି। ଚଢେଇଧରା ପୋଲିସ ଘଟଣାସ୍ଥଳରେ ପଂହଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଆଜି ଅପରାହ୍ନରେ ବଡଚଣା ବ୍ଲକ ଚମ୍ପାପୁର ଗ୍ରାମର ଅଲେଖ ଦଳାଇ ହିରୋ ସ୍ପେଣ୍ଡର ବାଇକରେ ଝି ଓ ଭାଣିଜୀଙ୍କୁ ନେଇ ଭଉଣୀ ଶୁଶୁଘର ଗ୍ରାମ ମହିଶରାକୁ ଯାଉଥିବା ସମୟରେ ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଜାତୀୟ ରାଜପଥ ଚଢେଇଧରା ନିକଟରେ ଏକ ବାଉଁଶ ବୋଝେଇ ଟ୍ରକ(ଓଡି୧୯ୱାଇ୨୪୬୬) ସେମାନଙ୍କୁ ଧକ୍କା ଦେଇଥିଲା। ବାଇକ ପଛରେ ବସିଥିବା ୨ଜଣ ରାସ୍ତା କଡକୁ ଛିଟିକି ପଡିଥିଲେ।

# ପିଏମ୍ ଧନଧାନ୍ୟ କୃଷି ଯୋଜନା ସୁନ୍ଦରଗଡ ସମେତ ଭାରତର ୧୦୦ଟି ଜିଲ୍ଲାରେ ଯୋଜନାର ଶୁଭାରମ୍ଭ

ସୁନ୍ଦରଗଡ଼,୧୧/୧୦: ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆଜି କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ଶସକ୍ତିକରଣ ବିଭାଗ, ସୁନ୍ଦରଗଡର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଓ ଏକ ସଭା ଆୟୋଜିତ ହୋଇଯାଇଅଛି। ରାଷ୍ଟ୍ରୀୟ କୃଷି ବିଜ୍ଞାନ ପରିସର, ପୁସା, ନୂଆଦିଲ୍ଲୀଠାରେ ଆୟୋଜିତ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ ଏବଂ କୃଷି ଭିତ୍ତିଭୂମି ପାଣ୍ଠି, ପ୍ରାଣୀ ପାଳନ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣର ୧୧୦୦ ରୁ ଅଧିକ ପରିଯୋଜନା ଗୁଡିକର ଉଦ୍ଘାଟନ ଏବଂ ଶିଳାନ୍ୟାସ ହୋଇଯାଇଅଛି। ଏହି ପିଏମ୍ ଧନଧାନ୍ୟ କୃଷି ଯୋଜନା ଭାରତର ୧୦୦ଟି ଜିଲ୍ଲା ମଧ୍ୟରେ ଓଡିଶାର ସୁନ୍ଦରଗଡ ଜିଲ୍ଲା ଆକାଂକ୍ଷୀ ଜିଲ୍ଲା ଭାବରେ ସ୍ଥାନିତ ହୋଇଅଛି । ଚଳିତ ବର୍ଷଠାରୁ ୬ ବର୍ଷ ନିମନ୍ତେ ଜିଲ୍ଲାରେ ବିଭିନ୍ନ ବିଭାଗର କେନ୍ଦ୍ର ତଥା ରାଜ୍ୟ ଯୋଜନା ଗୁଡିକୁ ସମନ୍ୱିତ ଭାବେ ରୂପାୟନ କରାଯାଇ କୃଷି ତଥା ଆନୁସଙ୍ଗିକ ଉତ୍ପାଦକିତା ବୃଦ୍ଧି, ଫସଲ ବିବିଧିକରଣ, ପରିବେଶ ଅନୁକୂଳ ଚିରସ୍ଥାୟୀ କୃଷି ଉପରେ ଗୁରୁତ୍ୱ ଦେଇ ଚାଷୀମାନଙ୍କର ଆୟ ବହୁଗୁଣିତ କରାଯିବାର ଲକ୍ଷ୍ୟ ରଖାଯାଇଅଛି ।ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନ ସଭାର ମାନ୍ୟବର ଉପ-ବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ।